بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ସଂଖ୍ୟା: 50

ବାର୍ଷିକ ଦେୟ : 600/-

ସମ୍ପାଦକ: କମୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ୍

19 ଜୁମାଦିଉସ୍ ସାନି, 1447 ହି.କ, 11 ଫତାହ୍ 1404 ହି.ଶ, 11 December 2025 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

**ପ୍ରକୃତ ବିଶ୍ୱାସକାରୀ ନିଜର ପ୍ରତିଶୃତିକୁ ଅବଶ୍ୟ ପୂରଣ (ରକ୍ଷା) କରିଥାଏ ।**

وَالَّذِیۡنَ ہُمۡ لِاَمٰنٰتِہِمۡ وَعَہۡدِہِمۡ رٰعُوۡنَ ○

(ସୁରତୁଲ୍ ମୁମିନୁନ୍: ୦୨)

**ଅନୁବାଦ:** ଏବଂ ସେହି ଲୋକମାନେ ଅର୍ଥାତ୍ ସଂପୂର୍ଣ୍ଣ ବିଶ୍ୱାସାକାରୀମାନେ ଯେଉଁମାନେ ନିଜର ଅମାନତ୍ ଓ ନିଜର ଅଙ୍ଗୀକାରଗୁଡ଼ିକ ପ୍ରତି ସଜାଗ ଥାଆନ୍ତି ।

## ଅହମଦିୟା ଖବର

**ଅଲହମଦୁଲିଲ୍ଲାଃ!**

ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍** ।

## ଆଁହଜରତ୍ ସ.ଅଙ୍କ ବାଣୀ

**ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତିକୁ ପ୍ରତିଶୃତି ଦିଏ ଓ ଅପର ମୁହୂର୍ତ୍ତରେ ସେ ନିଜର ପ୍ରତିଶୃତି ରକ୍ଷା ନକରେ (ପ୍ରତିଶୃତି ପୂରଣ ନକରେ) ତେବେ ସେହି ବ୍ୟକ୍ତି ପକ୍କା କପଟବିଶ୍ୱାସକାରୀ ବ୍ୟକ୍ତି ଅଟେ :**

☆ عَنۡ عَبۡدِ اللّٰہِ بۡنِ عَمۡرٍو رَضِیَ اللّٰہُ عَنۡہُ، قَالَ: قَالَ رَسُوۡلُ اللّٰہِ صَلَّی اللّٰہُ عَلَیۡہِ وَسَلَّمَ: اَرۡبَعُ خِصَالٍ مَنۡ کُنَّ فِیۡہِ کَانَ مُنَافِقًا خَالِصًا: مَنۡ اِذَا حَدَّثَ کَذَبَ، وَاِذَا وَعَدَ اَخۡلَفَ، وَاِذَا عَاہَدَ غَدَرَ، وَاِذَا خَاصَمَ فَجَرَ، وَمَنۡ کَانَتۡ فِیۡہِ خَصۡلَۃٌ مِنۡہُنَّ کَانَتۡ فِیۡہِ خَصۡلَۃٌ مِنَ النِّفَاقِ حَتّٰی یَدَعَہَا۔

ହ. ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ଯେଉଁ ବ୍ୟକ୍ତି ମଧ୍ୟରେ ଏହି 4ଟି ଲକ୍ଷଣ ଦେଖାଯାଏ ତେବେ ସେହି ବ୍ୟକ୍ତି ପକ୍କା କପଟବିଶ୍ୱାସୀ ଅଟେ । ଅର୍ଥାତ୍ 1- ଅର୍ଥାତ୍ କପଟବିଶ୍ୱାସୀ ବ୍ୟକ୍ତି ଯେତେବେଳେ କଥାବାର୍ତ୍ତା କରେ ସେତେବେଳେ ସେ ମିଥ୍ୟା (ମିଛ) କଥା କହିଥାଏ ଏବଂ 2- ଯେତେବେଳେ କୌଣସି ପ୍ରତିଶୃତି କରେ ସେତେବେଳେ ସେ ପ୍ରତିଶୃତି ଭଙ୍ଗ ବା ପ୍ରତିଶୃତି ବିରୁଦ୍ଧାଚରଣ କଥା କହିଥାଏ । 3- ସେହିପରି ଯେତେବେଳେ କୌଣସି ପ୍ରତିଜ୍ଞା ତଥା ଅଙ୍ଗୀକାର କରେ ସେତେବେଳେ ସେ ବିଶ୍ୱାସଘାତକତା ପ୍ରଦର୍ଶନ କରିଥାଏ । 4- ସେହିପରି କପଟବିଶ୍ୱାସୀ ଯେତେବେଳେ କଳହ କରେ ସେତେବେଳେ ସେ ଅନ୍ୟ ବ୍ୟକ୍ତିକୁ ଗାଳି ଗୁଲଚ କରିଥାଏ । ତେଣୁ ଯେଉଁ ବ୍ୟକ୍ତି ମଧ୍ୟରେ ଏହି 4ଟି ଲକ୍ଷଣ ଦେଖାଯାଏ ତେବେ ସେହି ବ୍ୟକ୍ତି ବୈମନସ୍ୟବାଦୀ (ମତଭେଦକାରୀ) ଅଟେ । ତେଣୁ ଯେଉଁ ବ୍ୟକ୍ତି ଉପରୋକ୍ତ 4ଟି ଗୁଣ (ଅଭ୍ୟାସ)କୁ ପରିତ୍ୟାଗ କରିଦେଇ ନାହିଁ ସେହି ବ୍ୟକ୍ତି କପଟବିଶ୍ୱାସୀ ଅଟେ ।

☆ وَعَنۡ عَبۡدِ اللّٰہِ بۡنِ اَبِی الۡحَمۡسَاءِ قَالَ بَایَعۡتُ النَّبِیَّ صَلَّی اللّٰہُ عَلَیۡہِ وَسَلَّمَ قَبۡلَ اَنۡ یُبۡعَثَ وَبَقِیَتۡ لَہٗ بَقِیَّۃٌ فَوَعَدۡتُّہٗ اَنۡ اٰتِیَہٗ بِہَا فِیۡ مَکَانِہٖ فَنَسِیۡتُ فَذَکَرۡتُ بَعۡدَ ثَلٰثٍ فَاِذَا ہُوَ فِیۡ مَکَانِہٖ فَقَالَ لَقَدۡ شَقَقۡتَ عَلَیَّ اَنَا ہٰہُنَا مُنۡذُ ثَلٰثٍ اَنۡتَظِرُکَ۔

ହ. ଅବ୍‌ଦୁଲ୍ଲାଃ ବିନ୍ ଅବିଲ୍ ହମ୍‌ସା ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ୍ ସ.ଅ ଅବତାରତ୍ୱ ରୂପେ ଅବତୀର୍ଣ୍ଣ ହେବା ପୂର୍ବେ ମୁଁ ଆଁହଜରତ୍ ସ.ଅଙ୍କ ସହିତ କିଣାବିକା କଲି ଏବଂ ଆପଣ ସ.ଅଙ୍କ କି କିଛି ଟଙ୍କା ବାକି ରହିଗଲା (ହ. ଅବ୍‌ଦୁଲ୍ଲାଃ ବିନ୍ ହମସା ଆଁହଜରତ୍ ସ.ଅଙ୍କୁ ଆଉ କିଛି ଟଙ୍କା ଦେଇଥାଆନ୍ତେ) । ମୁଁ ଆଁହଜରତ ସ.ଅଙ୍କୁ ପ୍ରତିଶୃତି ଦେଲି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଏଇଠି ଛିଡ଼ା ହୁଅନ୍ତୁ ମୁଁ ଯାଇ ପଇସା ନେଇ ଆସୁଛି । ଏହାପରେ ମୁଁ ଆଁହଜରତ ସ.ଅଙ୍କୁ ପଇସା ଦେବାକୁ ଭୁଲିଗଲି । କିନ୍ତୁ ହଠାତ୍ ଯେତେବେଳେ ମୋର ମନେପଡ଼ିଲା ସେତେବେଳେ ତିନି ଦିନ ବିତି ସାରିଥିଲା । ତେଣୁ ମୁଁ ତିନି ଦିନ ପରେ ଆସି ଦେଖିଲେ ଯେ, ଆପଣ ସ.ଅ ସେହି ସ୍ଥାନରେ ଛିଡ଼ା ହୋଇଛନ୍ତି । ଆପଣ ସ.ଅ ମୋତେ କେବଳ ଏତିକି କହିଲେ, ବସ୍ ! ତୁମେ ମୋତେ ବଡ଼ ସଂକଟରେ ପକାଇ ଦେଇଛ । ମୁଁ ଏଠାରେ ତିନି ଧରି ହେଲା ତୁମର ଅପେକ୍ଷା କରୁଛି । **(ମିଶ୍‌କାତ୍, କିତାବୁଲ୍ ଅଦବ୍, ବାବ୍- ଅଲ୍‌ୱାଆଦ୍)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ମନୁଷ୍ୟ ଈଶ୍ୱରଙ୍କ ସମସ୍ତ ଅମାନତ୍ ଏବଂ ମନୁଷମାନଙ୍କର ସମସ୍ତ ଅମାନତ୍‌ର ଓ ଅଙ୍ଗୀକାର ପ୍ରତି ସମ୍ମାନ ପ୍ରଦର୍ଶନ କରୁ ।**

ସେହି (ବିଶ୍ୱାସକାରୀ)ମାନେ ଯେଉଁମାନେ ନିଜ ପ୍ରସଙ୍ଗରେ ଈଶ୍ୱରଙ୍କ ସହିତ ଥାଆନ୍ତି ଅବା ମାନବଜାତି ସହିତ ଥାଆନ୍ତି, ତେବେ ସେମାନେ ମୁକ୍ତ ବା ରଜ୍ଜୁ ମୁକ୍ତ ହୁଅନ୍ତି ନାହିଁ । ବରଂ ସେମାନେ ଏହି ଭୟରେ କି ଈଶ୍ୱରଙ୍କ ନିକଟରେ ସେମାନେ କୌଣସି ଆପତ୍ତି ତଳେ ଆସି ନଯାଆନ୍ତୁ, ତେଣୁ ସେମାନେ ନିଜର ଅମାନତ୍ ଏବଂ ଅଙ୍ଗୀକାର ସଂପର୍କରେ ଦୂର ପର୍ଯ୍ୟନ୍ତ ଚିନ୍ତା କରିଥାଆନ୍ତି ଏବଂ ସର୍ବଦା ନିଜର ଅମାନତ୍ ଓ ନିଜର ଅଙ୍ଗୀକାର ସଂପର୍କରେ ତଦନ୍ତ କରିଥାଆନ୍ତି । ସେହି ବିଶ୍ୱାସକାରୀମାନେ ଧର୍ମପରାୟଣତା ଏବଂ ଦୂରଦୃଷ୍ଟି ମାଧ୍ୟମରେ ପ୍ରସଙ୍ଗର ଆଭ୍ୟନ୍ତରୀଣକୁ ଅନୁଧ୍ୟାନ କରିଥାଆନ୍ତି। କାରଣ ଏପରି ନହେଉ କି ସେମାନଙ୍କ ଅମାନତ୍ ତଥା ଅଙ୍ଗୀକାରରେ କୌଣସି ତାରତମ୍ୟ ସୃଷ୍ଟି ହେବ। ସେହିପରି ସେମାନଙ୍କ ନିକଟରେ ଈଶ୍ୱରଙ୍କର ଯେଉଁ ଅମାନତ୍ ରହିଛି ଯେପରିକି ସମସ୍ତ ଧର୍ମପରାୟଣତା ଏବଂ ସମସ୍ତ ଅଙ୍ଗ ପ୍ରତ୍ୟେଙ୍ଗ ଓ ଧନ, ଜୀବନ, ମାନ, ସମ୍ମାନ ଇତ୍ୟାଦିକୁ ଯଥାସାଧ୍ୟ ନିଜର ନିୟମାନୁବର୍ତ୍ତୀମୂଳକ ଧର୍ମପରାୟଣତା ଦ୍ୱାରା ଅତି ସତର୍କତାର ସହିତ ଯଥା ସ୍ଥାନରେ ବିନିଯୋଗ କରିଥାଆନ୍ତି। ସେହିପରି ଯେଉଁ ଅଙ୍ଗୀକାର ବିଶ୍ୱାସ ଆଣିବା ସମୟରେ ଈଶ୍ୱରଙ୍କ ସହିତ କରିଛି ତାହାକୁ ସମ୍ପାଦନ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ କିରଥାଆନ୍ତି। ସେହିପରି ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ଯେଉଁ ପ୍ରାଣୀମାନଙ୍କର ଅଧିକାର ବିଶ୍ୱାସକାରୀମାନଙ୍କ ପାଖରେ ରହିଛି ଅବା ଏପରି ପ୍ରସଙ୍ଗ ଯାହାକି ଅମାନତ୍‌ର ଆଦେଶାବଳୀ ଅନ୍ତର୍ଗତ ଅଟନ୍ତି ସେହି ସମସ୍ତ ଆଦେଶାବଳୀକୁ ଯଥାସାଧ୍ୟ ନିୟାମାନୁବର୍ତ୍ତୀ ହୋଇ ପାଳନ କରିଥାଆନ୍ତି । ଯଦି କୌଣସି କଳହ ସଂଘଟିତ ହୁଏ ତେବେ ସେପରିପ୍ରେକ୍ଷୀରେ ସେମାନେ ଧର୍ମପରାୟଣତାକୁ ଦୃଷ୍ଟିରେ ରଖି ତାହାର ନିର୍ଣ୍ଣୟ ଓ ନ୍ୟାୟ ବିଚାର କରିଥାନ୍ତି। ଅର୍ଥାତ୍ ସେହି ନିଷ୍ପତ୍ତି ଏବଂ ନିର୍ଣ୍ଣୟରେ ସେମାନଙ୍କୁ ଅର୍ଥାତ୍ ବିଶ୍ୱାସକାରୀମାନଙ୍କୁ କ୍ଷତି ସହ୍ୟ କରିବାକୁ ପଡୁ ପଛେ ସେମାନେ କ୍ଷତି ସହ୍ୟ କରିଥାଆନ୍ତି । ଏହା ପ୍ରକାଶ୍ୟ ଯେ, ଈଶ୍ୱର ଅମାନତ୍, ବିଶ୍ୱାସିକ ଅଙ୍ଗୀକାରକୁ☆ ଯଥାସାଧ୍ୟ ପାଳନ କରିବା ଏବଂ ଆପାଦ ମସ୍ତକ ପର୍ଯ୍ୟନ୍ତ ଧର୍ମପରାୟଣତାର ଯେତେ ଅଙ୍ଗ ପ୍ରତ୍ୟେଙ୍ଗ ରହିଛି ଯହିଁରେ ପ୍ରକାଶ୍ୟ ରୂପେ ଚକ୍ଷୁ, କର୍ଣ୍ଣ, ହସ୍ତ, ପାଦ ଏବଂ ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟେଙ୍ଗ ଆଦି ରହିଛନ୍ତି ତନ୍ମଧ୍ୟରେ ଆଭ୍ୟନ୍ତର ରୂପେ ହୃଦୟ ଏବଂ ଅନ୍ୟାନ୍ୟ ଶକ୍ତି ତଥା ଅଙ୍ଗ ପ୍ରତ୍ୟେଙ୍ଗ ଓ ଚରିତ୍ର ମଧ୍ୟ ରହିଛି । ସେହି ସବୁ ଅଙ୍ଗପ୍ରତ୍ୟେଙ୍ଗଗୁଡ଼ିକୁ ଯଥାସାଧ୍ୟ ସଠିକ୍ ସ୍ଥାନରେ ବିନିଯୋଗ ତଥା ବ୍ୟବହାର କରିବା ଏବଂ ଅବୈଧ ସ୍ଥାନରୁ ଅଟକାଇବା ଏବଂ ସେଗୁଡ଼ିକର ଗୁପ୍ତ ଆକ୍ରମଣ ଠାରୁ ସତର୍କ ଓ ସାବଧାନ ରହିବା, ତା' ବିପକ୍ଷରେ ଭକ୍ତମାନଙ୍କର କର୍ତ୍ତବ୍ୟ ନିର୍ବାହ କରିବା ଇତ୍ୟାଦି ଏପରି ଏକ ପନ୍ଥା ଅଟେ ଯେ, ତାହା ମନୁଷ୍ୟର ସମସ୍ତ ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟ ସହିତ ସଂଶ୍ଳୀଷ୍ଟ ରହିଛି ଓ ଈଶ୍ୱର ପବିତ୍ର କୁରଆନ୍ କରୀମ୍‌ରେ ଧର୍ମପରାୟଣତାକୁ ବସ୍ତ୍ର ନାମରେ ଅଭିହିତ କରିଛନ୍ତି । ସୁତରାଂ **ଲିବାସୁତ୍ ତକୱା** ପବିତ୍ର କୁରଆନ୍ କରୀମ୍‌ର ହିଁ ଶବ୍ଦ ଅଟେ । ଏହା ସେହି ପ୍ରସଙ୍ଗ ଆଡ଼କୁ ଇଙ୍ଗିତ କରେ ଯେ, ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟତା ଧର୍ମପରାୟଣତା ଦ୍ୱାରା ହିଁ ସୃଷ୍ଟି ହୋଇଥାଏ । ଧର୍ମପରାୟଣତା କହିଲେ, ମନୁଷ୍ୟ ଈଶ୍ୱରଙ୍କର ସମସ୍ତ ଅମାନତ୍ ଏବଂ ବିଶ୍ୱାସିକ ଅଙ୍ଗୀକାର, ସେହିପରି ପ୍ରାଣୀମାନଙ୍କର ସମସ୍ତ ଅମାନତ୍ ତଥା ଅଙ୍ଗୀକାରକୁ ଯଥାସାଧ୍ୟ ନିୟମାନୁବର୍ତ୍ତୀ ହୋଇ ପାଳନ କରିବାକୁ ବୁଝାଏ । ଅର୍ଥାତ୍ ସୂକ୍ଷ୍ମାତିସୂକ୍ଷ୍ମ ପକ୍ଷ ଉପରେ ଯଥାସାଧ୍ୟ ନିୟମାନୁବର୍ତ୍ତୀ ହୋଇଯାଉ ।

☆ ବିଶ୍ୱାସିକ ଅଙ୍ଗୀକାର କହିଲେ ମନୁଷ୍ୟ ବୈଅତ୍ ଏବଂ ବିଶ୍ୱାସ ସମୟରେ ଯେଉଁ ଶପଥ ତଥା ଅଙ୍ଗୀକାର କରିଥାଏ

ତାହାକୁ ବିଶ୍ୱାସିକ ଅଙ୍ଗୀକାର କୁହାଯାଏ । ଉଦାହରଣ ସ୍ୱରୂପ ବିଶ୍ୱାସକାରୀ ବ୍ୟକ୍ତି କେବେ କୌଣସି ମନୁଷ୍ୟର ହତ୍ୟା କରିବ ନାହିଁ, ଚୋରି କରିବ ନାହିଁ, ମିଛ ସାକ୍ଷୀ ଦେବ ନାହିଁ, ଈଶ୍ୱରଙ୍କ ସହିତ ଅନ୍ୟ କାହାରିକୁ ସମକକ୍ଷ କରିବା ନାହିଁ ଏବଂ ଇସ୍‌ଲାମ ଧର୍ମ ଉପରେ ଏବଂ ନବୀ କରୀମ୍ ସ.ଅଙ୍କ ଉପରେ ସେ ନିଜର ପ୍ରାଣକୁ ଉତ୍ସର୍ଗ କରିବ । **(ଶେଷ) (ଜମିମା ବରାହେନି ଅହମଦିୟା, ଭାଗ-5, ରୁହାନୀ ଖଜାଏନ୍ ଗ୍ରନ୍ଥଖଣ୍ଡ-21,ପୃ-208-210)** ☆--☆--☆

**ତଫସିର୍ କବିରରୁ ଉପସ୍ଥାପିତ ଆଲେଖ୍ୟ**

## ଇସ୍‌ଲାମ୍ ଧର୍ମ ଅମାନତ୍, ବିଶ୍ୱାସିକତା ଓ ଅଙ୍ଗୀକାରର କର୍ତ୍ତବ୍ୟ ସମ୍ପାଦନ କରିବାକୁ ବିଶେଷ ରୂପେ ଗୁରୁତ୍ୱାରୋପ ପ୍ରଦାନ କରିଛି ।

(ଲେଖକ- ହ. ମିର୍ଜା ବଶୀରୁଦ୍ଦୀନ ମହମୁଦ୍ ଅହମଦ, ଖଲିଫତୁଲ୍ ମସିହ୍ ସାନି ଅଲ୍ ମୁସ୍‌ଲେହ୍ ମଉଦ୍ ର.ଅ)

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ମୁମିନୁନର ଆୟତ୍ ସଂଖ୍ୟା 09 وَالَّذِيْنَ هُمْ لِاَمٰنٰتِهِمْ وَعَهْدِهِمْ رٰعُوْنَ ର ବ୍ୟାଖ୍ୟା କରି କୁହନ୍ତି: "ଆଁହଜରତ୍ ସ.ଅ ଶପଥ ତଥା ଅଙ୍ଗୀକାର ପୂରଣ ବା ସମ୍ପାଦନ କରିବା ନିମନ୍ତେ ଏତେ ଚିନ୍ତିତ ରହୁଥିଲେ ଯେ, ବର୍ତ୍ତମାନ ଆପଣ ସ.ଅ ଅବତାରତ୍ୱର ଦାବି କରି ନଥିଲେ କି ଯୁଦ୍ଧ, ଦୈନନ୍ଦିନର ପାରସ୍ପାରିକ କଳହ ଏବଂ ଉପଦ୍ରବ ଓ ହିଂସାକୁ ଦେଖି ମକ୍କାର କେତେକ ଲୋକମାନେ ଏକ ସଂଗଠନ ଗଠନ କଲେ । ସେହି ସଂଗଠନର ଏହି ଅଭିପ୍ରାୟ ଥିଲା କି ଅତ୍ୟାଚାରିତ ଓ ପିଡ଼ୀତମାନଙ୍କୁ ସେମାନେ ସାହାଯ୍ୟ କରାଯିବ । ରସୁଲ୍ କରୀମ୍ ସ.ଅ ମଧ୍ୟ ସେହି ସଂଗଠନର ସଭାରେ ଉପସ୍ଥିତ ହେଲେ ସମସ୍ତେ ମିଶି ଏହି ଶପଥ ନେଲେ ଯେ, ଯେପର୍ଯ୍ୟନ୍ତ ସମୁଦ୍ର ମଧ୍ୟରେ ବୁନ୍ଦାଏ ଜଳ ରହିଛି ସେପର୍ଯ୍ୟନ୍ତ ସେମାନେ (ସଂଗଠନର ସଦସ୍ୟମାନେ) ସର୍ବଦା ଅତ୍ୟାଚାରିତ ତଥା ନିଷ୍ପେଷିତମାନଙ୍କୁ ସାହାଯ୍ୟ କରିବେ ଏବଂ ସେମାନଙ୍କର ଅଧିକାର ଅତ୍ୟାଚାରୀମାନଙ୍କର ଠାରୁ ପ୍ରଦାନ କରିବା ପାଇଁ ସର୍ବଦା ଉଦ୍ୟମ କରୁଥିବେ। ଯଦି ସେମାନେ ଏପରି କରିପାରିବେ ନାହିଁ ତେବେ ଏହି ସଂଗଠନ ଯାହା ଅତ୍ୟାଚାରିତମାନଙ୍କର ସାହାଯ୍ୟ, ସେମାନଙ୍କର ଅମାନତ୍ ସେମାନଙ୍କୁ ପ୍ରଦାନ ତଥା ସେମାନଙ୍କର ଅଧିକାର ପ୍ରଦାନ କରିବାର ଯେଉଁ ଦାୟିତ୍ୱ ବହନ କରିଛି ସେହି ସଂଗଠନ କି କାର୍ଯ୍ୟ କଲା ଓ କିପରି ଅତ୍ୟାଚାରି, ନିଷ୍ପେଷିତମାନଙ୍କୁ ସାହାଯ୍ୟ କଲା ? ଏଥି ସଂକ୍ରାନ୍ତରେ ଐତିହାସିକ ପ୍ରାମାଣ୍ୟ ବେଶୀ କିଛି ମିଳୁ ନାହିଁ । କିନ୍ତୁ ଅବତାରତ୍ୱର ଦାବି ପରେ ଯେତେବେଳେ ମକ୍କାର ଲୋକମାନେ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅଙ୍କ ପ୍ରାଣର ଶତ୍ରୁ ପାଲଟିଗଲେ ସେତେବେଳେ ଜନୈକ ବ୍ୟକ୍ତି ଅବୁ ଜହଲ୍ ଠାରୁ କିଛି ପଇସା ନେଇଥାଆନ୍ତା କିନ୍ତୁ ଅବୁ ଜହଲ୍ ସେହି ବ୍ୟକ୍ତିର ଟଙ୍କା ଫେରାଉ ନଥିଲା। ଅତଏବ୍ ସେହି ବ୍ୟକ୍ତି ଜଣକ୍ ରସୁଲ୍ କରୀମ୍ ସ.ଅଙ୍କ ପାଖକୁ ଆସିଲା ଏବଂ ସେ କହିଲା, ହେ ମୁହମ୍ମଦ[ସ.ଅ] ! ଆପଣ ହିଲ୍‌ଫୁଲ୍ ଫୁଜୁଲ୍ ସଂଗଠନର ସଦସ୍ୟ ରହିଛନ୍ତି ଏବଂ ଆପଣ ଉକ୍ତ ସଂଗଠନରେ ଏହି ଶପଥ ନେଇଥିଲେ ଯେ, ଆପଣ ସର୍ବଦା ନିଷ୍ପେଷିତ ଓ ଅତ୍ୟାଚାରିତ ମାନଙ୍କୁ ସାହାଯ୍ୟ କରିବେ । ତେଣୁ ମୁଁ ଆପଣ ସ.ଅଙ୍କୁ ସେହି ଶପଥ ସ୍ମରଣ କରାଇଦେବା ପାଇଁ ଅନୁରୋଧ କରୁଅଛି ଯେ, "ଅବୁ ଜହଲ୍ ମୋର କିଛି ଟଙ୍କା ଦେବାର ଥିଲା। ଆପଣ ସ.ଅ ଅବୁ ଜହଲ୍ ପାଖକୁ ଚାଲନ୍ତୁ ଏବଂ ମୋତେ ଅବୁ ଜହଲ୍ ଠାରୁ ମୋର ସେହି ଟଙ୍କା ଫେରସ୍ତ କରାଇ ଦିଅନ୍ତୁ।" ସେହି ବ୍ୟକ୍ତି ଜଣକ ଯେତେବେଳେ ଏହି କଥା କହିଲା ସେତେବେଳେ ମକ୍କାରେ ଆଁହଜରତ ସ.ଅଙ୍କ ପକ୍ଷେ ମୁକ୍ତ ଏବଂ ଅବାଧ ଭାବରେ ବିଚରଣ କରିବା ଅତ୍ୟନ୍ତ ବିପଦଜନକ ଥିଲା। ପୁନଶ୍ଚ ଅବୁ ଜହଲ୍ ଆପଣ ସ.ଅଙ୍କର ଚିରଶତ୍ରୁ ଥିଲା । ସେ ଆପଣ ସ.ଅଙ୍କୁ କୌଣସି କ୍ଷତି ପହଞ୍ଚାଉ ଆପଣ ସ.ଅ ତୁରନ୍ତ ଉଠିଲେ ଏବଂ ସେହି ବ୍ୟକ୍ତି ସହିତ ଅବୁ ଜହଲ୍ ଅଭିମୁଖେ ବାହାରି ପଡ଼ିଲେ ଓ କବାଟ ଠକ୍ ଠକ୍ କଲେ । ଅବୁ ଜହଲ୍ ଠକ୍ ଠକ୍ ଶବ୍ଦ ଶୁଣି ବାହାରକୁ ଯେତେବେଳେ ବାହାରିଲା ସେତେବେଳେ ଆପଣ ସ.ଅ ଅବୁ ଜହଲ୍‌କୁ କହିଲେ, ହେ ଅବୁ ଜହଲ୍ ! ତୁମେ ଏହି ବ୍ୟକ୍ତିର ଟଙ୍କା ନେଇଛ, ତେଣୁ ତୁମେ ତୁରନ୍ତ ଏହି ବ୍ୟକ୍ତିର ଟଙ୍କା ଫେରସ୍ତ କରିଦିଅ । ଅବୁ ଜହଲ୍ କିଛି ଟାଳଟୁଳ ନକରି ଘର ଭିତରକୁ ଗଲା ଏବଂ ଘର ଭିତରକୁ ଯାଇ ତୁରନ୍ତ ଟଙ୍କା ଆଣି ସେହି ବ୍ୟକ୍ତିକୁ ଦେଇଦେଲା । ଅବୁ ଜହଲ୍ ଆଁହଜରତ ସ.ଅଙ୍କ କହିବାରୁ ଜଣେ ବ୍ୟକ୍ତିକୁ ତା'ର ଟଙ୍କା ଫେରସ୍ତ କରିଦେବା କଥାଟା କୌଣସି ସାଧାରଣ କଥା ନଥିଲା ଯାହା ବେଶୀ ସମୟ ପର୍ଯ୍ୟନ୍ତ ଲୁଚି ରହିଥାଆନ୍ତା । ଉକ୍ତ କଥାଟି ତୁଣ୍ଡ ବାଇଦ୍ ସହସ୍ର କ୍ରୋଶ ଅର୍ଥାତ୍ **(ଅବଶିଷ୍ଟାଂଶ................ପୃ-2ରେ)** ଜଙ୍ଗଲରେ

**ଖବରକାଗଜ ସାପ୍ତାହିକ ବଦର୍ ନିଜେ ପଢନ୍ତୁ ଓ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଉତ୍ସାହିତ କରନ୍ତୁ ଓ ସେମାନଙ୍କୁ ଅନୁପ୍ରାଣିତ ମଧ୍ୟ କରନ୍ତୁ ।**

ସୟେଦିନା ହଜରତ ଖଲିଫତୁଲ ମସିହିଲ୍ ଖାମିସ୍ ଅୟେଦହୁଲ୍ଲାଃ ବଦରର୍ ବେଶେଷ ସଂଖ୍ୟା 2014 ମସିହା ଡିସେମ୍ବର ମାସ ପାଇଁ ନିଜର ସନ୍ଦେଶ ପ୍ରେରଣ କରି କହିଲେ: "ବଦର୍‌ର ସମ୍ପାଦକମଣ୍ଡଳୀମାନଙ୍କୁ ଓ ପାଠକବୃନ୍ଦମାନଙ୍କୁ ଉକ୍ତ କଥା ସର୍ବଦା ମନେରଖିବା ଉଚିତ୍ ଯେ, ଏହି ଖବରକାଗଜ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଆଧ୍ୟାତ୍ମିକ ସଂଶୋଧନ ଏବଂ ଉନ୍ନତି ସକାଶେ ଜାରି କରାଯାଇଥିଲା ଏବଂ ଆମମାନଙ୍କର ଗୁରୁଜନମାନେ ପ୍ରତିକୁଳ ପରିସ୍ଥିତି ସତ୍ତ୍ୱେ ପୂର୍ଣ୍ଣ ସାହସିକତାର ସହିତ ଉକ୍ତ ଖବରକାଗଜକୁ ସର୍ବଦା ଜାରି ରଖିବା ନିମନ୍ତେ ଉଦ୍ୟମ କରିଥିଲେ । ସେହି ଗୁରୁଜନ ଅର୍ଥାତ୍ ପୂର୍ବପୁରୁଷମାନଙ୍କର ଦୁଆ, ପବିତ୍ର ଉଦ୍ୟମଜନିତ କଲ୍ୟାଣ ବଳରେ ଆଜି ପର୍ଯ୍ୟନ୍ତ ଉକ୍ତ ଖବରକାଗଜ ଅବ୍ୟାହତ (ଜାରି) ରହିଛି । ଉକ୍ତ କଥା ସେହି ପ୍ରସଙ୍ଗକୁ ଆଶା କରେ କି ଅଧିକରୁ ଅଧିକ ଅହମଦିମାନେ ଉକ୍ତ ଖବରକାଗଜକୁ ପାଠ କରନ୍ତୁ ଓ ତହିଁରୁ ଉପକୃତ ହୁଅନ୍ତୁ । ଅଲ୍ଲାଃତାଲାଙ୍କ କୃପାରୁ ଭାରତ ଓ ପାକିସ୍ତାନର ଅହମଦିମାନଙ୍କୁ ବିଶେଷ କରି ଅନ୍ୟ ଦେଶରେ ବାସ କରୁଥିବା ଅହମଦିମାନଙ୍କୁ ଉକ୍ତ ଖବରକାଗଜ ଅଧ୍ୟୟନ କରିବା ପ୍ରତି ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେହିପରି ଉକ୍ତ ଖବରକାଗଜ ସହିତ ଯେଉଁ କଲ୍ୟାଣ ସଂଶ୍ଳିଷ୍ଟ ଓ ନିହିତ ରହିଛି ତାହାକୁ ସାଉଁଟିବା ନିମନ୍ତେ ଅଲ୍ଲାଃତାଲା ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।"

ସୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଉକ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଅଧ୍ୟାତ୍ମ ଚକ୍ଷୁ ବର୍ଦ୍ଧକ ଉପଦେଶାବଳୀକୁ ଦୃଷ୍ଟି ସମ୍ମୁଖରେ ରଖି ଜମାଅତ୍ ଅହମଦିୟାର ସଦସ୍ୟବୃନ୍ଦଙ୍କ ସେବାରେ ଅନୁରୋଧ କରାଯାଉଅଛି ଯେ, ଜମାଅତର ପ୍ରତ୍ୟେକଟି ଘରମାନଙ୍କରେ ସାପ୍ତାହିକ ଖବରକାଗଜ ବଦର୍‌ର ଅଧ୍ୟୟନକୁ ସୁନିଶ୍ଚିତ କରାଯିବା ନିହାତି ଜରୁରୀ ଅଟେ । ବଦର୍‌ରେ ପବିତ୍ର କୁରଆନ୍, ହଦିସ୍ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ନୀତିବାଣୀ ବ୍ୟତୀତ ହୁଜୁର ଅନ୍‌ଓ୍ୱର୍ ଅ.ବଙ୍କ ଖୁତ୍‌ବା ଜୁମା, ଉଦ୍‌ବୋଧନୀ ଓ ହୁଜୁର ଅନ୍‌ଓ୍ୱର୍ ଅ.ବଙ୍କ ବିଭିନ୍ନ ଦେଶର ଗସ୍ତ ସଂପର୍କିତ ଅତ୍ୟନ୍ତ ରୋଚକ ଓ ବିଶ୍ୱାସବର୍ଦ୍ଧକ ରିପୋର୍ଟସ୍ ନିୟମିତ ରୂପେ ପ୍ରକାଶିତ ହୋଇଥାଏ । ତେଣୁ ଏସବୁକୁ ଅଧ୍ୟୟନ ଏବଂ ପାଠ କରିବା ପ୍ରତ୍ୟେକ ଅହମଦି ପକ୍ଷେ ନିତାନ୍ତ ଜରୁରୀ ଅଟେ । ଅଲ୍ଲାଃତାଲାଙ୍କ କୃପାରୁ ସୟେଦିନା ହୁଜୁର ଅନ୍‌ଓ୍ୱର୍[ଅ.ବ]ଙ୍କ ଦୟା ବଳରେ ବର୍ତ୍ତମାନ ଉକ୍ତ ଖବରକାଗଜ ଉର୍ଦ୍ଦୁ ଭାଷା ବ୍ୟତୀତ ନାନା ପ୍ରାଦେଶିକ ଭାଷା ଯଥା-ହିନ୍ଦୀ, ବଂଗଳା, ତାମିଲ୍ ତେଲୁଗୁ, ମାଲିୟାଲମ୍, ଓଡ଼ିଆ ଓ କନ୍ନଡ୍ ଇତ୍ୟାଦି ଭାଷାରେ ମଧ୍ୟ ପ୍ରକାଶିତ ହେଉଅଛି । ଅତଏବ୍ ଯେଉଁ ଅହମଦି ବନ୍ଧୁମାନେ ଏପର୍ଯ୍ୟନ୍ତ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନାହାନ୍ତି, ସେମାନଙ୍କୁ ସବିନୟ ଅନୁରୋଧ କରାଯାଉଅଛି ଯେ ସେମାନେ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନିଜେ ପଢନ୍ତୁ ଏବଂ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଆଗ୍ରହ ସୃଷ୍ଟି କରି ସେମାନଙ୍କୁ ଉତ୍ସାହିତ ଓ ଅନୁପ୍ରାଣିତ କରନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ପ୍ରକୃତ ଆତ୍ମାର ସହିତ ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଅ.ବଙ୍କ ଆଦେଶାବଳୀ ଉପରେ ସଂପୂର୍ଣ୍ଣ ରୂପେ କାର୍ଯ୍ୟାନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ଖବରକାଗଜ ବଦର୍ ଯଥା ସମୟରେ ନପହଞ୍ଚିବା, ଚାନ୍ଦା ପୈଠ କରିବା ,ଅନ୍ୟ ଯେକୌଣସି ସମସ୍ୟା, ସୂଚନା ଓ ତଥ୍ୟ ପ୍ରାପ୍ତ କରିବା ନିମନ୍ତେ ସାପ୍ତାହିକ ବଦର୍‌ର ମ୍ୟାନେଜର୍ ସାହେବଙ୍କ ସହିତ ଯୋଗାଯୋଗ କରନ୍ତୁ । **ଯଜାକୁମୁଲ୍ଲାଃ । (ସମ୍ପାଦକ)**

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧ୍ୟାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ଓ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

## (ଖୁତ୍‌ବା ଜୁମା)

ଦିନେ ହ. ଅବୁ ଖୈସ୍‌ମା ର.ଅ ତାଙ୍କ ଘରର ଦୁଆର ସମ୍ମୁଖରେ ଛିଡ଼ା ହେଲେ ଏବଂ ତାଙ୍କର ପତ୍ନିମାନେ ତାଙ୍କ ପାଇଁ ଯେଉଁ ବ୍ୟବସ୍ଥା କରିଥିଲେ ସେହି ବ୍ୟବସ୍ଥାକୁ ହ. ଅବୁ ଖୈସମା ର.ଅ ଯେତେବେଳେ ଦେଖିଲେ ସେତେବେଳେ ସେ କହିଲେ, ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ତ' ପ୍ରଚଣ୍ଡ ଗ୍ରୀଷ୍ମ, ଭୀଷଣ ଲୁ ପ୍ରବାହରେ ଯାତ୍ରା କରୁଛନ୍ତି ଆଉ ଅବୁ ଖୈସ୍‌ମା ଛାୟୀ ତଳେ ଉତ୍ତମ ଆହାର ଓ ସୁନ୍ଦର ପତ୍ନି, ଧନ ଏବଂ ପାଳିତ ଜୀବମାନଙ୍କ ମଧ୍ୟରେ ଅବସ୍ଥାନ କରିଛି । ଏହା କଦାପି ନ୍ୟାୟ ନୁହେଁ । ପୁନଶ୍ଚ ସେ କହିଲେ, ମୁଁ ଅଲ୍ଲାଃତାଲାଙ୍କ ରାଣ ଖାଇ କହୁଛି ! ଯେପର୍ଯ୍ୟନ୍ତ ମୁଁ ଆଁହଜରତ ସ.ଅଙ୍କ ପର୍ଯ୍ୟନ୍ତ ପହଞ୍ଚି ଯାଇ ନାହିଁ ସେପର୍ଯ୍ୟନ୍ତ ମୁଁ ତୁମମାନଙ୍କ ମଧ୍ୟରୁ କାହାରି ପାଖକୁ ଯିବି ନାହିଁ (ଫେରିବି ନାହିଁ) ।

---

ହୁଜୁର ସ.ଅ ହ. ମୁଆଜ୍ ର.ଅଙ୍କୁ ସମ୍ବୋଧିତ କରି କହିଲେ, ହେ ମୁଆଜ୍ ! ଯଦି ତୁମର ଦୀର୍ଘାୟୁ ହେଲ ତେବେ ତୁମେ ଦେଖିନେବ ଯେ, ତୁବୁକ୍ ଉପତ୍ୟକା ଉଦ୍ୟାନ ଦ୍ୱାରା ପରିପୂର୍ଣ୍ଣ ହୋଇଯିବ ।

ଏପରି ପ୍ରତିତ ହେଉଛି ଯେପରିକି ଆଁହଜରତ ସ.ଅଙ୍କୁ ଐଶୀବାଣୀ ମାଧ୍ୟମରେ ଏହା ଜ୍ଞାତ ହୋଇଯାଇଥିବ ଯେ, ହ. ମୁଆଜ୍ ର.ଅ ସେହି ସ୍ଥାନକୁ ଦେଖିବେ ଏବଂ ଉପତ୍ୟକା ବୃକ୍ଷ ଓ ଉଦ୍ୟାନର ସମାହାର ହୋଇଯିବ ।

---

ତୁବୁକ୍ ଯୁଦ୍ଧରେ ଆଁହଜରତ୍ ସ.ଅ ସବୁଠୁ ବଡ଼ ଧ୍ୱଜା ହ. ଅବୁ ବକ୍କର୍ ର.ଅଙ୍କୁ ପ୍ରଦାନ କରିଥିଲେ । ଏତଦ୍‌ଭିନ୍ନ ହ. ଜୁବୈର୍ ର.ଅ, ହ. ଉସୈଦ୍ ବିନ୍ ହୁଜୈର୍, ଅବୁ ଦୁଜାନା ର.ଅ ଅବା ଅନ୍ୟ କେତେକ ବର୍ଣ୍ଣନାନୁଯାୟୀ ହ. ହୁବ୍‌ବାହ୍ ବିନ୍ ମୁନ୍‌ଜିର୍ ର.ଅଙ୍କୁ ମଧ୍ୟ ଆପଣ ସ.ଅ ଧ୍ୱଜା ପ୍ରଦାନ କରିଥିଲେ ।

---

ଏହା ଆଁହଜରତ୍ ସ.ଅଙ୍କ ଅଲୌକିକ ଚମତ୍କାରର କଲ୍ୟାଣ ଯେ, ଆଜି ତୁବୁକ୍‌ ଭୂମିରେ ଏତେ ପ୍ରଚୁର ପରିମାଣର ଜଳ ମହଜୁଦ୍ ରହିଛି ଯେ, ମଦିନା ଓ ଖୈବର୍‌କୁ ବାଦଦେଲେ ଏତେ ପ୍ରଚୁର ପରିମାଣର ଅନ୍ୟ କେଉଁଠି ବି ଦେଖିବାକୁ ମିଳିବ ନାହିଁ । ବରଂ ବାସ୍ତବତା ଏହିକି ଯେ, ତୁବୁକ୍ ଯୁଦ୍ଧର ଜଳ ଏହି ଦୁଇଟି ସ୍ଥାନ ଅପେକ୍ଷା ଅଧିକ ରହିଛି । ସେହି ଜଳରୁ ଉପକୃତ ହୋଇ ବର୍ତ୍ତମାନ ତୁବୁକ ଭୂମିରେ ପ୍ରତ୍ୟେକ ପାର୍ଶ୍ୱରେ ଉଦ୍ୟାନ ରୋପଣ କାର୍ଯ୍ୟ ଜାରି ରହିଛି ଏବଂ ନବୀ କରୀମ୍ ସ.ଅଙ୍କ ଭବିଷ୍ୟବାଣୀ ଅନୁଯାୟୀ ତୁବୁକ୍‌ର ଅଞ୍ଚଳ ଉଦ୍ୟାନ ଦ୍ୱାରା ପରିପୂର୍ଣ୍ଣ ହୋଇଯାଇଛି ଏବଂ ଦିନକୁ ଦିନ ତୁବୁକ୍ ଭୂମି ବୃକ୍ଷ ଓ ଉଦ୍ୟାନ ଦ୍ୱାରା ପରିପୂର୍ଣ୍ଣ ହୋଇ ଚାଲିଛି ।

---

ଆପଣ ସ.ଅ ଦୁଆ ଦେଇ (ଆଶୀର୍ବାଦ କରି) କହିଲେ: "ଈଶ୍ୱରଙ୍କ ମାର୍ଗରେ ସୁରକ୍ଷା ଦେଉଥିବା କର୍ମୀମାନଙ୍କ ଉପରେ ଅଲ୍ଲାଃତାଲା ଦୟାବତୀର୍ଣ୍ଣ କରନ୍ତୁ । ଲୋକମାନଙ୍କ ମଧ୍ୟରୁ କିମ୍ବା ଜୀବମାନଙ୍କ ମଧ୍ୟରୁ ତୁମେମାନେ ଯେଉଁ ଜୀବ ଓ ଲୋକର ପ୍ରାଣ ରକ୍ଷା କରିଛ ସେହି ଜୀବ ଓ ଲୋକମାନଙ୍କ ପ୍ରାଣ ବଦଳରେ ତୁମମାନଙ୍କୁ ଗୋଟିଏ ଗୋଟିଏ ଲେଖାଏଁ କିରାତ୍ (ପର୍ବତ)ପରି ପୁଣ୍ୟାତ୍ମକ ପ୍ରତିଫଳ ଅବଶ୍ୟ ପ୍ରାପ୍ତ ହେବ ।"

---

### ତୁବୁକ୍ ଯୁଦ୍ଧର ପୃଷ୍ଠଭୂମିରେ ଆଁହଜରତ୍ ସ.ଅଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ।

---

ରବ୍‌ୱାରେ ଘଟିଥିବା ଘଟଣା ଯୋଗୁଁ ଆହତ ହୋଇଥିବା ଅହମଦିମାନଙ୍କ ନିମନ୍ତେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଆହ୍ୱାନ ।
ପାକିସ୍ତାନ ଓ ବାଂଲାଦେଶର ଅହମଦିମାନଙ୍କ ନିମନ୍ତେ, ସେହିପରି ପାଲେଷ୍ଟାଇନ୍‌ର ଅତ୍ୟାଚାରିତ ତଥା ନିଷ୍ପେଷିତ ଲୋକମାନଙ୍କ ନିମନ୍ତେ ଦୁଆ କରିବାକୁ ହୁଜୁର ଅନ୍‌ୱର୍ ଅ.ବଙ୍କର ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଆହ୍ୱାନ ।

---

**31 October 2025 ମସିହା ଅନୁଯାୟୀ ୩୧ ଇଖା ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**
ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହ୍ହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଯେପରିକି ମୁଁ ବିଗତ ଖୁତ୍‌ବାରେ ତୁବୁକ୍ ଯୁଦ୍ଧ ସଂପର୍କରେ ସଂକ୍ଷିପ୍ତ ଚର୍ଚ୍ଚା କରିଥିଲି, ଏହାର ଅତିରିକ୍ତ ଚର୍ଚ୍ଚା ମୁଁ ଆଜି ମଧ୍ୟ ବର୍ଣ୍ଣନା କରିବି । ଆଁହଜରତ ସ.ଅ ତୁବୁକ୍ ଯୁଦ୍ଧ ନିମନ୍ତେ ବାହାରିଲେ। ଏଥି ସଂକ୍ରାନ୍ତରେ ଇତିହାସ ଆମମାନଙ୍କୁ ଅତିରିକ୍ତ ସୂଚନା ଏବଂ ତଥ୍ୟ ପ୍ରଦାନ କରିଥାଏ । ଅର୍ଥାତ୍ ଇସ୍‌ଲାମୀୟ ସୈନ୍ୟବାହିନୀର ତୁବୁକ୍ ଅଭିମୁଖେ ବାହାରିବା ପରେ ଆଁହଜରତ ସ.ଅଙ୍କ ପ୍ରଥମ ଶିବିର ଅବସ୍ଥାନ ଜୁ ଖୁଶୁବ୍ ନାମକ ସ୍ଥାନରେ କରିଥିଲେ । ଜୁ ଖୁଶୁବ୍ ମଦିନା ଠାରୁ 1 ରାତ୍ର ବ୍ୟବଧାନର ଅବସ୍ଥିତ ସିରୀୟା ମାର୍ଗରେ ଅବସ୍ଥିତ ଏକ ଉପତ୍ୟକା ଅଟେ । ସେହିଠାରେ ଅସଂଖ୍ୟ ଝରଣାମାନ ରହିଛି । ସେଠାରେ ଆଁହଜରତ ସ.ଅ ନମାଜେ ଜୁହୋର୍ ଏବଂ ଅସର୍ ଏକତ୍ର କରିବା ଆରମ୍ଭ କଲେ । ଉକ୍ତ ଯାତ୍ରାରେ ନମାଜ ଜୁହୋର୍, ଅସର୍, ମଗ୍‌ରିବ୍ ଓ ଇଶା ନିୟମିତ ରୂପେ ଏକତ୍ରିତ କରି ପାଠ କରୁଥିଲେ । **(କିତାବୁଲ୍ ମୁଗାଜି ଲିଲ୍ ୱାକିଦି, ଗ୍ରନ୍ଥଖଣ୍ଡ-2, ପୃ-386, ତୁବୁକ୍ ଯୁଦ୍ଧ, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍. 2004 ମସିହା)(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଗ୍ରନ୍ଥଖଣ୍ଡ-9, ପୃ-484, ବଜ୍‌ମେ ଇକ୍‌ବାଲ୍ ଲାହୋର୍)(ଜୀବନୀ ଶବ୍ଦକୋଷ, ପୃ-114, ଜୱାର୍ ଏକାଡ଼େମୀ ପବ୍ଲିକେଶନ୍‌ସ୍, କରାଚୀ-2003 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯାତ୍ରା ସମୟରେ ଆଁହଜରତ୍ ସ.ଅ ଯେଉଁ ଯେଉଁ ସ୍ଥାନରେ ଶିବିର ପକାଇଥିଲେ ତତ୍‌ସଂକ୍ରାନ୍ତରେ ସଂପୂର୍ଣ୍ଣ ବିବରଣୀ ତ' ମିଳେ ନାହିଁ । କିନ୍ତୁ ତନ୍ମଧ୍ୟରୁ କେତେକ ସ୍ଥାନରେ କେବଳ ନାମ ଦରଜ ରହିଛି । ତାହା ମଧ୍ୟ ଆଗକୁ ଯଦି ସୁଯୋଗ ମିଳିଲା ତେବେ ଇନଶାଅଲ୍ଲାଃ ବର୍ଣ୍ଣନା ହୋଇଯିବ । ହ. ମୁଆଜ୍ ବିନ୍ ଜବଲ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ତୁବୁକ୍ ଯୁଦ୍ଧରେ ନିମଗ୍ନ ଥିଲେ କି ଆପଣ ସ.ଅଙ୍କ ପ୍ରସ୍ଥାନ କରିବା ପୂର୍ବରୁ ସୁର୍ଯ୍ୟାସ୍ତ ହୋଇଗଲା । ଆପଣ ସ.ଅ ଜୁହୋର ଏବଂ ଅସର୍ ନମାଜ୍ ଏକତ୍ରିତ କଲେ ଏବଂ ଯଦି ଆପଣ ସ.ଅ ସୁର୍ଯ୍ୟାସ୍ତ ପୂର୍ବରୁ ଶୀଘ୍ର ବାହାରି ପଡ଼ନ୍ତେ ତେବେ ଜୁହୋର ନମାଜ୍ ବିଳମ୍ବ କରି ପାଠ କରି ଥାଆନ୍ତେ । ଏପର୍ଯ୍ୟନ୍ତକି ଅସର ନିମନ୍ତେ ଅବତୀର୍ଣ୍ଣ ହେବା ସମୟରେ ଏବଂ ମଗରିବ୍‌ରେ ମଧ୍ୟ ଆପଣ ସ.ଅ ଏହିପରି ହିଁ କରୁଥିଲେ । ଯଦି ଆପଣ ସ.ଅଙ୍କ ପ୍ରସ୍ଥାନ କରିବା ପୂର୍ବରୁ ସୂର୍ଯ୍ୟାସ୍ତ ହୋଇ ଯାଆନ୍ତା ତେବେ ମଗ୍‌ରିବ୍ ଓ ଇଶା ନମାଜ୍ ଏକତ୍ରିତ କରିଥାଆନ୍ତେ । ସେହିପରି ଯଦି ସୂର୍ଯ୍ୟାସ୍ତ ହେବା ପୂର୍ବେ ଆପଣ ସ.ଅ ବାହାରି ଥାଆନ୍ତେ ତେବେ ମଗ୍‌ରିବ୍‌ରେ ଆପଣ ସ.ଅ ବିଳମ୍ବ କରି ଥାଆନ୍ତେ । ଏପର୍ଯ୍ୟନ୍ତକି ଇଶା ନମାଜ୍ ନିମନ୍ତେ ଯେତେବେଳେ ଆପଣ ସ.ଅ ଅବତୀର୍ଣ୍ଣ ହେଉଥିଲେ ସେତେବେଳେ ଆପଣ ସ.ଅ ଉଭୟ ନମାଜ୍‌କୁ ଏକତ୍ରିତ କରି ପାଠ କରୁଥିଲେ । **(ସୁନନ୍ ଅବି ଦାଉଦ୍, କିତାବୁସ୍ ସଲାତ୍, ଅସ୍ ସଫ୍‌ରୁ ବାବୁଲ୍ ଜମା ବୈନସ୍ ସଲାତୈନ୍, ହଦିସ୍ ନଂ-1208-1210)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ଣ୍ଣନାରେ ଏହି ଚର୍ଚ୍ଚା ରହିଛି ଯେ, ସେହି ଯାତ୍ରାରେ ହ. ଅବ୍‌ଦୁର୍ ରହମାନ୍ ବିନ୍ ଔଫ୍ ର.ଅଙ୍କୁ ଇମାମତ୍ (ଧର୍ମାଧ୍ୟକ୍ଷ) ହେବାର ସୌଭାଗ୍ୟ ଅର୍ଜନ ହେଲା । ଅତଏବ୍ ସେହି ଘଟଣାଟି ଏହିପରି । ହ. ମୁଗିରାହ୍ ବିନ୍ ଶୋବା ର.ଅ

ବର୍ଣ୍ଣନା କଲେ ଯେ, ସେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ତୁବୁକ୍ ଯୁଦ୍ଧରେ ସାମିଲ୍ ହେଲେ । ରସୁଲୁଲ୍ଲାଃ ସ.ଅ ଦୁଇ ଯିବା ନିମନ୍ତେ ଫଜର୍ ନମାଜ୍ ପୂର୍ବରୁ ପ୍ରସ୍ଥାନ କଲେ । ମୁଁ ଆପଣ ସ.ଅଙ୍କ ସହିତ ଜଳପାତ୍ର (ଲୋଟା) ଧରି ବାହାରି ପଡ଼ିଲି । ଯେତେବେଳେ ରସୁଲୁଲ୍ଲାଃ ସ.ଅ ମୋ ଆଡ଼କୁ ଆସିଲେ ସେତେବେଳେ ମୁଁ କିଛି ବ୍ୟବଧାନରେ ଛିଡ଼ା ହୋଇଥିଲି। ତେବେ ମୁଁ ସେହି ଲୋଟାରୁ ଆପଣ ସ.ଅଙ୍କ ହାତ ଉପରେ ପାଣି ଢାଳିବାକୁ ଲାଗିଲି ଓ ଆପଣ ସ.ଅ ନିଜର ଦୁଇ ହାତକୁ ତିନି ଥର ଧୋଇଲେ । ଏଠାରେ ୱଜୁ କରିବାର ବିଧି ସଂପର୍କରେ ମୁଗିରାହ୍ ବିନ୍ ଶୋବା ର.ଅ ବର୍ଣ୍ଣନା କରୁଛନ୍ତି । ଅର୍ଥାତ୍ ଯାତ୍ରାରେ କିପରି ଆପଣ ସ.ଅ ୱଜୁ କଲେ ?

ପୁନଶ୍ଚ ଆପଣ ସ.ଅ ନିଜର ପବିତ୍ର ମୁଖ (ମୁହଁ) ଧୋଇଲେ । ତପ୍ରେ ଆପଣ ସ.ଅ ନିଜର ଦୁଇ ବାହୁକୁ ଜୁବ୍ବା (ଏକ ପ୍ରକାରର ବସ୍ତ୍ର) ମଧ୍ୟରୁ ବାହାରକୁ ବାହାର କରିବାକୁ ଲାଗିଲେ । କିନ୍ତୁ ଜୁବ୍ବାର ଆସ୍ତିନ୍ ବହୁତ ଛୋଟ ଥିଲା । ତେଣୁ ଆପଣ ସ.ଅ ନିଜର ହାତ ଜୁବ୍ବା ମଧ୍ୟରେ ପ୍ରବେଶ କଲେ ଏବଂ ନିଜର ବାହୁ ଦ୍ୱୟକୁ ଜୁବ୍ବା ତଳୁ ବାହାର କରି କହୁଣୀ ପର୍ଯ୍ୟନ୍ତ ଧୋଇଲେ । ଏତଦ୍ପରେ ଆପଣ ସ.ଅ ନିଜର ମୋଜା ଉପରେ ମସାହ୍ (ଅର୍ଥାତ୍ ଆପଣ ସ.ଅ ସେତେବେଳେ ମୋଜା ପିନ୍ଧିଥିଲେ) କଲେ । ମୋଜାକୁ ପୋଛିଲେ । ପୁନଶ୍ଚ ଆଗକୁ ଅଗ୍ରସର ହେଲେ । ମୁଗିରାହ୍ କୁହନ୍ତି, ମୁଁ ମଧ୍ୟ ଆପଣ ସ.ଅଙ୍କ ସହିତ ଆଗକୁ ଅଗ୍ରସର ହେଲି । ଏପର୍ଯ୍ୟନ୍ତ କି ଆମେ ଦୁହେଁ ଲୋକମାନଙ୍କୁ ଦେଖିବାକୁ ପାଇଲୁ ଯେ, ସେମାନେ ହ. ଅବ୍ଦୁର୍ ରହମାନ୍ ବିନ୍ ଔଫ୍ ର.ଅଙ୍କୁ ମୁସଲ୍ଲାରେ ଆଗକୁ କରି ସାରିଥିଲେ । ହ. ଅବ୍ଦୁର୍ ରହମାନ ବିନ୍ ଔଫ୍ ର.ଅ ସେମାନଙ୍କୁ ନମାଜ୍ ପାଠ କରାଉଥିଲେ । ତେବେ ରସୁଲ୍ କରୀମ୍ ସ.ଅ ଦୁଇ ରକାତ୍ ନମାଜରୁ ଗୋଟିଏ ରକାତ୍ ନମାଜ ପାଇଲେ । ଅର୍ଥାତ୍ ଲୋକମାନେ ଗୋଟିଏ ରକାତ୍ ନମାଜ୍ ପାଠ କରି ସାରିଥିଲେ ଏବଂ ଆପଣ ସ.ଅ ଦ୍ୱିତୀୟ ରକାତ୍ ନମାଜ୍ ଲୋକମାନଙ୍କ ସହିତ ପାଠ କଲେ । ଯେତେବେଳେ ହ. ଅବ୍ଦୁର୍ ରହମାନ୍ ବିନ୍ ଔଫ୍ ର.ଅ ସଲାମ୍ କଲେ ଏବଂ ରସୁଲୁଲ୍ଲାଃ ସ.ଅ ନିଜର ନମାଜ୍ ସଂପୂର୍ଣ୍ଣ କରିବା ନିମନ୍ତେ ଯେତେବେଳେ ଛିଡ଼ା ହେଲେ ସେତେବେଳେ ମୁସଲମାନମାନେ ଆଁହଜରତ ସ.ଅଙ୍କ ଉକ୍ତ ପ୍ରସଙ୍ଗ ଅର୍ଥାତ୍ ଆଁହଜରତ ସ.ଅ ଦ୍ୱିତୀୟ ରକାତ୍‌ରେ ଛିଡ଼ା ହୋଇଗଲେ । ତେଣୁ ଉକ୍ତ କଥାଟି ମୁସଲମାନମାନଙ୍କ ମଧ୍ୟରେ ବିଚଳିତାବସ୍ଥା ସୃଷ୍ଟି କରିଦେଲା ଏବଂ ମୁସଲମାନମାନେ ବହୁଳ ରୂପେ ତସ୍‌ବିହ୍ କରିବାକୁ ଲାଗିଲେ । ଆଁହଜରତ ସ.ଅ ଯେତେବେଳେ ନିଜର ନମାଜ ପାଠ କରି ସାରିଲେ ସେତେବେଳେ ଲୋକମାନଙ୍କ ଆଡ଼କୁ ଚାହିଁଲେ ଏବଂ କହିଲେ, ହେ ଲୋକମାନେ ! ତୁମେମାନେ ଭଲ କଲ । ଲୋକମାନେ ଯଥା ସମୟରେ ନମାଜ ପାଠ ସମ୍ପାଦନ କରିଥିବା ହେତୁ ଆପଣ ସ.ଅ ସେମାନଙ୍କର ପ୍ରଶଂସା କଲେ । **(ସହି ମୁସ୍‌ଲିମ୍‌ର ଅନୁବାଦକ, କିତାବୁସ୍ ସଲାତ୍ ବାବ୍ ତକ୍‌ଦିମିଲ୍ ଜମାଅ ମନ୍ ଯୁସଲ୍ଲା ବିହିମ୍ ଇଜା ତାଆଖ୍ଖରଲ୍ ଇମାମି, ହଦିସ୍ ନଂ-632)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହୁଜୁର ସ.ଅଙ୍କ ସମୁଦ୍ ଜାତିର ପରିତ୍ୟକ୍ତ ଗୁମ୍ଫା ମଧ୍ୟ ଦେଇ ଅତିକ୍ରମ କରିବାର ଚର୍ଚ୍ଚା ମଧ୍ୟ ମିଳେ । ଏଥି ସଂକ୍ରାନ୍ତରେ ହ. ଇବ୍‌ନ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଯେତେବେଳେ ତୁବୁକ୍ ଯୁଦ୍ଧ ସମୟରେ ହଜ୍‌ରେ ଅସ୍‌ୱଦ୍ ପାଖରେ ଅବସ୍ଥାନ କଲେ ସେତେବେଳେ ଆପଣ ସ.ଅ ତାଙ୍କୁ ଆଦେଶ ଦେଲେ ଯେ, ସେ ଉକ୍ତ କୂପ (କୂଅ)ରୁ ଜଳପାନ ଗ୍ରହଣ କରନ୍ତୁ ନାହିଁ କି ଅନ୍ୟ କାହାରିକୁ ଉକ୍ତ ଜଳ ପାନ କରାନ୍ତୁ ନାହିଁ । ସାହାବାମାନେ କହିଲେ, ଆମେମାନେ ତ' ଉକ୍ତ କୂପର ଜଳରେ ଅଟା ଚକଟି ଦେଇଛୁ ଏବଂ ଆମେମାନେ ନିଜର ପାଳିତ ଜୀବମାନଙ୍କୁ ଜଳପାନ ମଧ୍ୟ କରାଇ ଦେଇଛୁ । ଆପଣ ସ.ଅ ସେମାନଙ୍କୁ କହିଲେ, ହେ ଲୋକମାନେ ! ତୁମେମାନେ ଯେଉଁ ଅଟା ଚକଟିଛ ତାହାକୁ ଫୋପାଡ଼ି ଦିଅ ଏବଂ ପାଖରେ ଯେଉଁ ଜଳପାତ୍ର ରହିଛି ତାହାକୁ ଢାଳି ଦିଅ । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ନବୀ କରୀମ୍ ସ.ଅ କହିଲେ, ଯେଉଁ ବ୍ୟକ୍ତି ଉକ୍ତ ପାଣିରେ ଅଟା ଚକଟିଛି ସେହି ଚକଟା ଅଟାକୁ ଫୋପାଡ଼ି ଦେଉ। ଅର୍ଥାତ୍ ସେହି ସ୍ଥାନରୁ ଯେଉଁ ଜଳ ସଂଗ୍ରହ କରାଯାଇଛି ଏବଂ ଅଟା ଚକଟା ଯାଇଛି ସେହି ଅଟାକୁ ଫୋପାଡ଼ି ଦେବା ନିମନ୍ତେ ଆଁହଜରତ୍ ନିର୍ଦ୍ଦେଶ ଦେଲେ । **(ସହିହୁଲ୍ ବୁଖାରୀ, କିତାବୁଲ୍ ଆହାଦିସୁଲ୍ ଅମ୍ବିୟା, ବାବ୍ କୌଲଲ୍ଲାଃହିଁ ତାଆଲା ୱ ଇଲା ସମୁଦି ଅଖାହୁମ୍, ସାଲିହନ୍, ହଦିସ୍ ନଂ-3378)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ରସୁଲ୍ କରୀମ୍ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ଉକ୍ତ କୂପରୁ ଜଳ ପାନ କରିବ ନାହିଁ କି ସେହି ଜଳରୁ ୱଜୁ ମଧ୍ୟ କରିବ ନାହିଁ । ବରଂ ସେହି ଜଳରୁ ତୁମେମାନେ ଯେଉଁ ଅଟା ଚକଟିଛ ତାହାକୁ ଓଟମାନଙ୍କୁ ଖୁଆଇ ଦିଅ ଏବଂ ତହିଁରୁ ତୁମେମାନେ କିଞ୍ଚିତ ଅଂଶ ସେବନ କରିବ ନାହିଁ । **(ତାରିଖୁତ୍ ତବ୍ରୀ, ଗ୍ରନ୍ଥଖଣ୍ଡ-2, ପୃ-183, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2012 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ରସୁଲୁଲ୍ଲାଃ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ଏହି କୂପରୁ ଜଳ ନିଅ ନାହିଁ ବରଂ ସେହି କୂପରୁ ଜଳ ସଂଗ୍ରହ କର ଯେଉଁ କୂପରୁ ହ. ସାଲେହ୍ ଅ.ସଙ୍କ ଓଟ ଜଳ ପାନ କରିବୋ ନିମନ୍ତେ ଆସୁଥିଲା । **(ସହିହୁଲ୍ ବୁଖାରୀ, କିତାବୁଲ୍ ଆହାଦିସୁଲ୍ ଅମ୍ବିୟା, ବାବ୍ କୌଲଲ୍ଲାଃହି ତାଆଲା ୱ ଇଲା ସମୁଦି ଅଖାହୁମ୍, ସାଲିହନ୍, ହଦିସ୍ ନଂ-3379)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବୁଖାରୀର ଟୀକାକାର ଇବ୍‌ନେ ହଜର୍ ଅସ୍କଲାନୀଙ୍କ ଅନୁଯାୟୀ ଆପଣ ସ.ଅଙ୍କୁ ସେହି କୂପ ଅର୍ଥାତ୍ ଯେଉଁ କୂପରୁ ହ. ସାଲେହ୍ ଅ.ସଙ୍କ ଓଟ ଜଳ ପାନ କରୁଥିଲା ତତ୍‌ସଂପର୍କରେ ସୂଚନା ଐଶୀବାଣୀ ମାଧ୍ୟମରେ ହୋଇଥିଲା । **(ଫତ୍‌ହୁଲ୍ ବାରି, ଶରହ୍ ସହିହୁଲ୍ ବୁଖାରୀ, ଗ୍ରନ୍ଥ ଖଣ୍ଡ-06, ପୃ-469, କଦିମି କୁତୁବ୍ ଖାନା, କରାଚୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାନୁଯାୟୀ ରସୁଲୁଲ୍ଲାଃ ସ.ଅ ଯେତେବେଳେ ହିଜର୍ ନାମକ ସ୍ଥାନ ଦେଇ ଅତିକ୍ରମ କଲେ ସେତେବେଳେ ଆପଣ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ସେହି ଲୋକମାନଙ୍କର ବସ୍ତିରେ ପ୍ରବେଶ କର ନାହିଁ ଯେଉଁମାନେ ଅତ୍ୟାଚାର କରିଥିଲେ କିନ୍ତୁ ତୁମେମାନେ କାନ୍ଦୁଛ। ତେଣୁ ଅତ୍ୟନ୍ତ ଭୟାବସ୍ଥା ଓ ତ୍ରସ୍ତାବସ୍ଥା ହେବା ଉଚିତ୍ । ଯେଉଁ ଜାତି ଉପରେ ଅଲ୍ଲାଃତାଲାଙ୍କ କୋପଶାସ୍ତି ଅବତୀର୍ଣ୍ଣ ହୋଇଥିଲା ସେହି ବସ୍ତି ମଧ୍ୟ ଦେଇ ତୁମେମାନେ ଯେତେବେଳେ ଅତିକ୍ରମ କର ସେତେବେଳେ ତୁମେମାନେ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ କରି ଏଠାରୁ ଅତିକ୍ରମ କର । କାରଣ ସେମାନେ ଯେଉଁ ବିପତ୍ତିର ସମ୍ମୁଖୀନ ହୋଇଛନ୍ତି ତୁମେ ସେହି ବିପତ୍ତିର ଯେପରି ସମ୍ମୁଖୀନ ନହୁଅ । ପୁନଶ୍ଚ ଆପଣ ସ.ଅ ନିଜର ଚଦରରୁ ନିଜର ପବିତ୍ର ମୁଖକୁ ଘୋଡାଇ ନେଲେ ଏବଂ ଆପଣ ସ.ଅ ବାହନ ଉପରେ ଆରୋହଣ ହୋଇଥିଲେ । **(ସହିହୁଲ୍ ବୁଖାରୀ, କିତାବୁଲ୍ ଆହାଦିସୁଲ୍ ଅମ୍ବିୟା, ବାବ୍ କୌଲଲ୍ଲାଃହି ତାଆଲା ୱ ଇଲା ସମୁଦି ଅଖାହୁମ୍, ସାଲିହନ୍, ହଦିସ୍ ନଂ-3380)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାନୁଯାୟୀ ଆପଣ ସ.ଅ ନିଜର ମୁଣ୍ଡ ଘୋଡ଼ାଇ ନେଲେ ଏବଂ ନିଜର ବେଗକୁ ବୃଦ୍ଧି କରିଦେଲେ । ଅର୍ଥାତ୍ ଆପଣ ସ.ଅ ଦ୍ରୁତଗାମୀ ହୋଇଗଲେ ଏପର୍ଯ୍ୟନ୍ତକି ଆପଣ ସ.ଅ ଉପତ୍ୟକା ଅତିକ୍ରମ କରିନେଲେ। **(ବୁଖାରୀ କିତାବୁଲ୍ ମୁଗାଜି, ବାବ୍-ନୁଜୁଲୁନ୍ ନବୀ ସ.ଅ ଅଲ୍ ହିଜର୍, ହଦିସ୍ ନଂ-4419)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହିଜର୍ କହିଲେ ଏକ ଅଞ୍ଚଳର ନାମ ଅଟେ। ହିଜର୍‌ର ପରିଚୟ ଏହିପରି ଯେ, ମଦିନାରୁ ତୁବୁକ୍ ଅଭିମୁଖେ ଯିବା ସମୟରେ ଉକ୍ତ ସ୍ଥାନଟି ପଡ଼େ । ସେଠାରେ ହ. ସାଲେହ୍ ଅ.ସଙ୍କ ସଂପ୍ରଦାୟ ବାସ କରୁଥିଲା । ସେହି ଅଞ୍ଚଳକୁ ହିଜର୍ କୁହାଯାଏ । ଆଜିକାଲି ଏହି ଅଞ୍ଚଳ ମଦାଏନି ସାଲହ୍ ନାମରେ ଜଣାଶୁଣା ଅଟେ । ଅଲ୍ଲାଃତାଲା ସେହି ଜାତିକୁ ଅଜସ୍ର ପୁରସ୍କର ଦ୍ୱାରା ପୁରସ୍କୃତ କରିଥିଲେ । ସେହି ଅଞ୍ଚଳ ଶସ୍ୟ ଶ୍ୟାମଳ, ସବୁଜିମା କୃଷି କ୍ଷେତ୍ର ଥିଲା, ବହି ଯାଉଥିବା ଝରଣାମାନ ଥିଲା, ବିଲବାଡ଼ିର ବ୍ୟାପକ ବ୍ୟବସ୍ଥା ଥିଲା, ଖଜୁରୀ ଏବଂ ଅନ୍ୟାନ ଫଳ ଉଦ୍ୟାନମାନ ମଧ୍ୟ ରହିଥିଲା । ଏହି ଅଞ୍ଚଳର ଲୋକମାନେ ଅତୁଲ୍ୟ ଶକ୍ତି ଓ ସାମର୍ଥ୍ୟର ଅଧିକାରୀ ଥିଲେ । ଏମାନଙ୍କର Potential ଅଧିକ ଥିଲା । ଏପର୍ଯ୍ୟନ୍ତକି ଏହି ଲୋକମାନଙ୍କର କଳା କୌଶଳ ତଥା ଅଭିଜ୍ଞତା ଏତେ ଥିଲା କି ଏମାନେ ପର୍ବତରେ ଘର କରି ଗୃହମାନ ନିର୍ମାଣ କରୁଥିଲେ । ହ. ସାଲେହ୍ ଅ.ସଙ୍କ ଓଟ ସେମାନଙ୍କ ନିମନ୍ତେ ନିଦର୍ଶନ ସ୍ୱରୂପେ ଥିଲା । କିନ୍ତୁ ସେମାନେ ସେହି ଓଟର ଗୋଡ଼ି କାଟିଦେଲେ । ଫଳତଃ ଅଲ୍ଲାଃତାଲା ସେମାନଙ୍କୁ ଶାସ୍ତି ଦ୍ୱାରା ଧ୍ୱଂସ କରିଂଦେଲେ । ପବିତ୍ର କୁରଆନ୍ କରୀମ୍‌ରେ ସେହି ଜାତିର ନାମ ଅସ୍‌ହାବୁଲ୍ ହିଜର୍ ବୋଲି ଉଲ୍ଲିଖିତ ହୋଇଛି ଏବଂ ପବିତ୍ର କୁରଆନ୍ କରୀମ୍‌ରେ ଅଲ ହିଜର୍ ନାମରେ ଏକ ସୁରାହ୍ ମଧ୍ୟ ରହିଛି । **(ଅଲ୍ ଲୁଉଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-9 ପୃ-485, ମକ୍‌ତବା ଦାରୁସ୍ ସଲାମ୍) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଗ୍ରନ୍ଥଖଣ୍ଡ-9, ପୃ-490, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଯାତ୍ରାରେ ଆଁହଜରତ ସ.ଅଙ୍କ ଓଟ ହଜି ଯାଇଥିବାର ଘଟଣାର ବର୍ଣ୍ଣନା ମଧ୍ୟ ମିଳେ । ଏହାର ବିବରଣୀ ଏହିପରି ଯେ, ରସୁଲ୍ କରୀମ୍ ସ.ଅ ଯେତେବେଳେ ତୁବୁକ୍ ଅଭିମୁଖେ ଯାଉଥିଲେ ସେତେବେଳେ ମାର୍ଗରେ ଏକ ସ୍ଥାନରେ ଆପଣ ସ.ଅଙ୍କ କସ୍‌ୱା ନାମକ ଏକ ଓଟ ହଜିଗଲା । ଆଁହଜରତ ସ.ଅଙ୍କ ସାହାବାମାନେ ସେହି ଓଟକୁ ଖୋଜିବା ନିମନ୍ତେ ବାହାରିଲେ । ରସୁଲ୍ କରୀମ୍

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ସ.ଅଙ୍କ ପାଖରେ ହ. ଉମ୍ମାରାହ୍ ବିନ୍ ହିଜମ୍ ର.ଅ ମଧ୍ୟ ଥିଲେ । ସେ ବୈଅତେ ଅକ୍ବାରେ ସାମିଲ୍ ହୋଇଥିଲେ ଏବଂ ସେ ଜଣେ ବଦ୍ରୀ ସାହାବି ଥିଲେ । ହ. ଉମ୍ମାରାହ୍ ର.ଅଙ୍କ ଶିବିର ମଧ୍ୟରେ ଜୈଦ୍ ବିନ୍ ସଲତ୍ ନାମକ ଜଣେ ବ୍ୟକ୍ତି ଥିଲା। ସେହି ବ୍ୟକ୍ତିର ସଂପର୍କ ଇହୁଦୀ ସଂପ୍ରଦାୟ ବନୁ କୈନ୍କା ସହିତ ଥିଲା ଏବଂ ସେ ନିଜେ ମଧ୍ୟ ଇହୁଦୀ ଥିଲା । ପୁନଶ୍ଚ ସେ ମୁସଲମାନ ହେଲା । କିନ୍ତୁ ସେ ଏପରି ଜଣେ ମୁସଲମାନ ଥିଲା ଯେ, ସେ କପଟବିଶ୍ୱାସ ପ୍ରଦର୍ଶନ କଲା । ତା'ର ବିଶ୍ୱାସ ସଂପୂର୍ଣ୍ଣ ରୂପେ ଦୃଢୀଭୂତ ନଥିଲା । ସେହିପରି ଏଠାରେ ମଧ୍ୟ ତା'ର ପରିପ୍ରକାଶ ହେଲା । ତା'ର ପରିପ୍ରକାଶ ଏପରି ହେଲା ଯେ, ଜୈଦ୍ ଶିବିରବାସୀଙ୍କୁ କହିଲା, ହେ ଶିବିରବାସୀ ! କ'ଣ ଆଁହଜରତ ସ.ଅ ଏହା ଦାବି କରି ନାହାନ୍ତି ଯେ, ସେ ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ଅଟନ୍ତି, ସେ ତୁମମାନଙ୍କୁ ଆକାଶର ଆଦୃଷ୍ଟ ଖବର ସଂପର୍କରେ ଅବଗତ କରନ୍ତି ନାହିଁ କି ? ଯଦି ସେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟନ୍ତି ତେବେ କ'ଣ ତାଙ୍କୁ ଜଣା ନାହିଁ ଯେ, ତାଙ୍କର ଓଟ କେଉଁଠି ଚାଲି ଯାଇଛି ? ଉକ୍ତ କଥା ସମୟରେ ହ. ଉମ୍ମାରାହ୍ ର.ଅ ରସୁଲୁଲ୍ଲାଃ ସ.ଅଙ୍କ ପାଖରେ ଉପସ୍ଥିତ ଥିଲେ । ଜୈଦ୍ ଶିବିର ମଧ୍ୟରେ ଉକ୍ତ କଥା କହୁଥିଲା ତେବେ ଠିକ୍ ସେତିକିବେଳେ ରସୁଲ୍ କରୀମ୍ ସ.ଅ ହ. ଉମ୍ମାରାହ୍ ର.ଅଙ୍କୁ କହିଲେ, ହେ ଉମ୍ମାରାହ୍ ! ଜଣେ ବ୍ୟକ୍ତି ଅମକ କଥା କହିଛି ଯେ, ମୁଁ (ମୁହମ୍ମଦ୍ ସ.ଅ) ତୁମମାନଙ୍କୁ ଏହା କହିଛି ଯେ, ମୁଁ ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ଅଟେ ଏବଂ ମୁଁ ଏହା ମାନେକରେ ଯେ, ମୁଁ ତୁମମାନଙ୍କୁ ଆକାଶୀୟ ସୂଚନା ସହିତ ଅ ବଗତ କରାଇଥାଏ। ଅପରପକ୍ଷେ ମୁଁ ସ୍ୱୟଂ ଜାଣି ନାହିଁ ଯେ, ମୋର ଓଟ କେଉଁଠି ଅଛି ? ଆପଣ ସ.ଅ କହିଲେ, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ଯେ, ଅଲ୍ଲାଃତାଲା ମୋତେ ଯେଉଁ ଜ୍ଞାନ ପ୍ରଦାନ କରିଛନ୍ତି ସେହି ଜ୍ଞାନ ବ୍ୟତୀତ ମୁଁ ଅନ୍ୟ କିଛି ଜାଣି ନାହିଁ । ମୁଁ ଆଦୃଷ୍ଟ ବିଷୟ ସଂପର୍କରେ କିଛି ଜାଣି ନାହିଁ । ମୋତେ ଅଲ୍ଲାଃତାଲା ଯାହା କହୁଛନ୍ତି ମୁଁ ତାହା ହିଁ ତୁମମାନଙ୍କୁ କହୁଛି । ନିଃସନ୍ଦେହ ରୂପେ ଅଲ୍ଲାଃତାଲା ମୋତେ ସେହି ଓଟ ସଂପର୍କରେ ସୂଚନା ପ୍ରଦାନ କରି ଦେଇଛନ୍ତି ଯେ, ସେହି ଓଟ ଅମକ ଘାଟିରେ ଅଛି ଓ ଆଁହଜରତ ସ.ଅ ଏକ ଘାଟି ଆଡ଼କୁ ଇଙ୍ଗିତ କଲେ। ଅଲ୍ଲାଃତାଲା ସେହି କପଟବିଶ୍ୱାସୀର କଥା ଶୁଣି ତୁରନ୍ତ ଅଭିମାନ ପ୍ରଦର୍ଶ କଲେ ଏବଂ ଆପଣ ସ.ଅଙ୍କୁ ସ୍ୱପ୍ନାବସ୍ଥାରେ ମଧ୍ୟ କହିଦେଲେ ଯେ, ଓଟ ଅମକ ସ୍ଥାନରେ ଅଛି । ଓଟର ଡୋର ଅମକ ବୃକ୍ଷରେ ଅଟକି (ଗୁଡ଼ାଇ) ହୋଇଯାଇଛି । ତେଣୁ ତୁମେମାନେ (ସାହାବାମାନେ) ଯାଅ ଏବଂ ସେହି ଓଟକୁ ମୋ ପାଖକୁ ନେଇ ଆସ । ସୁତରାଂ ସାହାବାମାନେ ସେହି ସ୍ଥାନକୁ ଗଲେ ଏବଂ ଓଟକୁ ଧରି ନେଇ ଆସିଲେ । ପୁନଶ୍ଚ ହ. ଉମ୍ମାରାହ୍ ର.ଅ ନିଜର ଶିବିର ଅଭିମୁଖେ ଗଲେ ଏବଂ କହିଲେ, ଅଲ୍ଲାଃତାଲାଙ୍କ ଶପଥ କହୁଛି ଯେ, ଆଜି ଏକ ଅଦ୍ଭୁତ ଘଟଣା ଘଟିଛି। ବର୍ତ୍ତମାନ ରସୁଲ୍ କରୀମ୍ ସ.ଅ ଆମମାନଙ୍କୁ ଗୋଟିଏ କଥା କହିଲେ ଯେଉଁ କଥା ଅଲ୍ଲାଃତାଲା ଆଁହଜରତ ସ.ଅଙ୍କୁ ଅବଗତ କରିଥିଲେ । ହ. ଉମ୍ମାରାହ୍ ର.ଅଙ୍କ ଶିବିର ମଧ୍ୟରୁ ଜଣେ ବ୍ୟକ୍ତି କହିଲା କି ମୁଁ ଅଲ୍ଲାଃତାଲାଙ୍କ ରାଣ ଖାଉଛି ଯେ, ଆଁହଜରତ ସ.ଅ ଯେଉଁ କଥା ବର୍ତ୍ତମାନ କହିଲେ, ଅର୍ଥାତ୍ ଅଲ୍ଲାଃତାଲା ଆଁହଜରତ୍ ସ.ଅଙ୍କୁ କହିଲେ, ଶିବିର ମଧ୍ୟରେ ଯେଉଁ ବ୍ୟକ୍ତି ବସିଛି ସେ ହେଉଛି ଜୈଦ୍ । ଏହି ଜୈଦ୍ ଆପଣ ସ.ଅଙ୍କ ଆଗମନ ପୂର୍ବରୁ ଉକ୍ତ କଥା କହିଥିଲା । ପ୍ରତ୍ୟୁତ୍ତରରେ ହ. ଉମ୍ମାରାହ୍ ର.ଅ ଜୈଦର ଛାତି ପୃଷ୍ଠସ୍ତ ବସ୍ତ୍ରକୁ ଧରି ପକାଇଲେ ଏବଂ ନିଜର ସାଥିମାନଙ୍କୁ କହିବାକୁ ଲାଗିଲେ ଯେ, ହେ ଅଲ୍ଲାଃଙ୍କ ଭକ୍ତମାନେ ! ମୋ ଶିବିର ମଧ୍ୟରେ ଜଣେ ସର୍ପ (ସାପ) ଥିଲା ଏବଂ ମୁଁ ସେହି ସର୍ପକୁ ନିଜ ଶିବିର ମଧ୍ୟରୁ ବାହାରକୁ କାଢିବାକୁ ଅନବଗତ ଥିଲି। ଏହାପରେ ହ. ଉମ୍ମାରାହ୍ ର.ଅ ଜୈଦକୁ ସମ୍ବୋଧିତ କରି କହିଲେ, ହେ ଜୈଦ୍ ଭବିଷ୍ୟତରେ ତୁମ ସହିତ ମୋର କୌଣସି ସଂପର୍କ ନାହିଁ । କେତେକ ଲୋକମାନଙ୍କର ଏହି ଧାରଣା ରହିଛି ଯେ, ଜୈଦ୍ ପରବର୍ତ୍ତୀ ସମୟରେ କ୍ଷମା ଯାଚନା କରିନେଲା ଏବଂ ଆଉ କେତେକଙ୍କ ଧାରଣା ରହିଛି ଯେ, ଜୈଦ୍ ପୂର୍ବବତ ନିଜର ଉପଦ୍ରବମୂଳକ କାର୍ଯ୍ୟରେ ଲିପ୍ତ ରହିଲା ଏବଂ କପଟବିଶ୍ୱାସୀ ଅବସ୍ଥାରେ ହିଁ ମୃତ୍ୟୁବରଣ କଲା । **(ତାରିଖୁଲ୍ ଖମିସ୍, ଗ୍ରନ୍ଥଖଣ୍ଡ-1, ପୃ-603, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2003 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଉକ୍ତ ଯାତ୍ରାରେ ପାଥେୟ ଅର୍ଥାତ୍ ରେଶନ, ଖାଦ୍ୟ ଓ ପାନୀୟ ସାମଗ୍ରୀ ମଧ୍ୟ ସମାପ୍ତ ହୋଇଗଲା । ଏହାର ବିବରଣୀରେ ଉଲ୍ଲେଖ ରହିଛି ଯେ, ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ତୁବୁକ ଯୁଦ୍ଧର ଯାତ୍ରାରେ ଲୋକମାନେ କ୍ଷୁଧାତୁର ହୋଇଗଲେ । ଅର୍ଥାତ୍ ଲୋକମାନଙ୍କୁ ଖୁବ୍ ଜୋରରେ ଭୋକ ଲାଗିଲା । ସେମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯଦି ଆପଣ ସ.ଅ ଆମମାନଙ୍କୁ ଅନୁମତି ପ୍ରଦାନ କରନ୍ତି ତେବେ ଆମେମାନେ ନିଜର ପାଣି ବୋହୁଥିବା ଓଟମାନଙ୍କୁ ମଧ୍ୟ ଜେବହ୍ କରିଦେବୁ । ସେହି ଓଟମାନଙ୍କୁ ଜେବହ୍ କରି ଆମେମାନେ ସେବନ କରିବୁ ଓ ଓଟର ଚର୍ବି ଇତ୍ୟାଦିକୁ ଆମେମାନେ ବ୍ୟବହାର ମଧ୍ୟ କରି ପାରିବୁ। ଆପଣ ସ.ଅ କହିଲେ, ହଉ କରିନିଅ । ସେତେବେଳେ ଅତି ଶୋଚନୀୟ ପରିସ୍ଥିତ ଥିଲା । ବର୍ଣ୍ଣନାକାରୀ କୁହନ୍ତି ଯେ, ହ. ଉମର୍ ର.ଅଙ୍କୁ ଯେତେବେଳେ ଜ୍ଞାତ ହେଲା ସେତେବେଳେ ସେ ଆସିଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯଦି ଆପଣ ସ.ଅ ଏପରି କଲେ ତେବେ ବାହନ ସଂଖ୍ୟା ହ୍ରାସ ପାଇବ । ହଁ ! ଆପଣ ସ.ଅ ଲୋକମାନଙ୍କୁ ନିଜର ଅବଶିଷ୍ଟ ଅତିରିକ୍ତ ପାଥେୟ ଆଣିବାକୁ ନିମନ୍ତେ ନିର୍ଦ୍ଦେଶ ଦେଲେ ଓ ପୁନଶ୍ଚ ସେମାନଙ୍କ ନିମନ୍ତେ କଲ୍ୟାଣଜନିତ ଦୁଆ ମଧ୍ୟ କଲେ । ଏହା ଦୂରବର୍ତ୍ତୀ ନୁହଁ (ଅସମ୍ଭବ ନୁହଁ) ଯେ, ଅଲ୍ଲାଃତାଲା ତହିଁରେ କଲ୍ୟାଣ ନିହିତ କରି ଦେଇଛନ୍ତି । ରସୁଲୁଲ୍ଲାଃ ସ.ଅ କହିଲେ, ହଁ ! ଏହା ଠିକ୍ ଅଟେ । ବର୍ଣ୍ଣନାକାରୀ କୁହନ୍ତି ଯେ, ଆପଣ ସ.ଅ ଏକ ଚମଡ଼ାର ଖାଦ୍ୟାସନ ମଗେଇଲେ ଏବଂ ତାହାକୁ ବିଛାଇଲେ । ପୁନଶ୍ଚ ସମସ୍ତ ସାହାବାମାନଙ୍କର ବଳକା ଅତିରିକ୍ତ ଖାଦ୍ୟ ସମାଗ୍ରୀ ମଧ୍ୟ ମଗେଇଲେ । କେହି ମୁଠାଏ ମକ୍କା ଆଣିଲା ତ' ଆଉ କେହି ମୁଠାଏ ଖଜୁରୀ କୋଳି ଆଣିଲା, କେହି ରୁଟି ଖଣ୍ଡ ଆଣିଲା ତ' ଆଉ କେହି ଅନ୍ୟ ଖାଦ୍ୟ ସାମଗ୍ରୀ ଆଣିଲା । ଏପର୍ଯ୍ୟନ୍ତିକି ସେହି ଖାଦ୍ୟାସନ ଉପରେ କିଛି ଖାଦ୍ୟ ସମାଗ୍ରୀ ଏକତ୍ରିତ ହୋଇଗଲା । ରସୁଲୁଲ୍ଲାଃ ସ.ଅ ଏହି ଖାଦ୍ୟ ସମାଗ୍ରୀ ଉପରେ ଦୁଆ କଲେ ଏବଂ କହିଲେ, ହେ ସାହାବାମାନେ ! ତୁମେମାନେ ନିଜ ନିଜ ବାସନରେ ଖାଦ୍ୟ ପଦାର୍ଥ ନେଇନିଅ । ସେମାନେ ଅର୍ଥାତ୍ ସାହାବାମାନେ ବାସନ ଓ ପାତ୍ରରେ ଖାଦ୍ୟ ସାମଗ୍ରୀକୁ ନେଇନେଲେ । ଏପର୍ଯ୍ୟନ୍ତକି ସୈନ୍ୟବାହିନୀ ମଧ୍ୟରେ ଏପରି କୌଣସି ପାତ୍ର ନଥିଲା ଯହିଁରେ ଖାଦ୍ୟପଦାର୍ଥ ନଥିଲା। ଅର୍ଥାତ୍ ସମସ୍ତ ସାହାବାମାନେ ନିଜ ନିଜ ପାତ୍ରରେ ଖାଦ୍ୟ ପଦାର୍ଥ ଭର୍ତ୍ତି କରିନେଲେ । ଏତଦ୍‌ପରେ ସମସ୍ତେ ଆହାର ଖାଇଲେ ଓ ତୃପ୍ତ ହୋଇଗଲେ । ଅର୍ଥାତ୍ ସମସ୍ତଙ୍କର ପେଟ ପୂରିଗଲା । କିଛି ଖାଦ୍ୟ ବଳିଲା । ଅତଃ ରସୁଲୁଲ୍ଲାଃ ସ.ଅ କହିଲେ: "ମୁଁ ସାକ୍ଷ୍ୟ ଦେଉଛି ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନୁହନ୍ତି ଏବଂ ମୁଁ (ଆଁହଜରତ ସ.ଅ) ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ଅଟେ । ଯେଉଁ ବ୍ୟକ୍ତି ବିନା କୌଣସି ଶଙ୍କା ଓ ସନ୍ଦେହରେ ଏହି ଦୁଇ ସାକ୍ଷ୍ୟ ସହିତ ଈଶ୍ୱରଙ୍କୁ ଭେଟିବ ସେହି ବ୍ୟକ୍ତିକୁ ବୈକୁଣ୍ଠରୁ ରୋକାଯିବ ନାହିଁ ।"**(ସହି ମୁସ୍‌ଲିମ୍‌ର ଅନୁବାଦକ, କିତାବୁଲ୍ ଇମାନ୍, ବାବ୍-ଅଦ୍ ଦଲିଲ୍ ଅଲା ଅନ୍ ମନ୍ ମାତା ଅଲତ୍ ତୌହିଦି..... ହଦିସ୍ ନଂ-54 (27))**

ହୁଜୁର ଅନ୍ୱର୍ ଅ.ବ କହିଲେ, ଉକ୍ତ ଯାତ୍ରାରେ ନାନା ଘଟଣାବଳୀର ଚର୍ଚ୍ଚା ମଧ୍ୟ ମିଳେ । ତନ୍ମଧ୍ୟରୁ ଗୋଟିଏ ଘଟଣା ଦୁଇ ଜଣ ବ୍ୟକ୍ତିଙ୍କ କଳହର ମଧ୍ୟ ରହିଛି । ହ. ୟାଲା ବିନ୍ ଉମୈୟାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ନବୀ କରୀମ୍ ସ.ଅଙ୍କ ସହିତ ତୁବୁକ୍ ଯୁଦ୍ଧରେ ସାମିଲ୍ ହେଲି । ମୋର ଜଣେ ଦାସ ଥିଲା । ସେ ଏକ ବ୍ୟକ୍ତି ସହିତ ଯୁଦ୍ଧ କଲା ଏବଂ ସେହି ଦୁହିଁଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଅନ୍ୟ ଜଣକର ହାତ କାଟିଦେଲା। ଯେଉଁ ବ୍ୟକ୍ତିର ହାତ କଟା ଯାଇଥିଲା ସେ ନିଜର ହାତକୁ କାମୁଡୁ ଥିବା ପାଟି ଦ୍ୱାରା ଟାଣିଲା, ତେବେ ସେହି ବ୍ୟକ୍ତି ନିଜ ସମ୍ମୁଖରେ ଆସୁଥିବା ଦୁଇ ଦାନ୍ତ ମଧ୍ୟରୁ ଗୋଟିଏ ଦାନ୍ତ ଉପାଡ଼ି ଦେଲା । ଏତେ ସକ୍ତ ଭାବରେ ଜାବୁଡ଼ି ଧରିଥିଲେ ଯେ, ବାହାରି ପାରୁନଥିଲା। ଯେତେବେଳେ ସେହି ବ୍ୟକ୍ତି ବଳ ପ୍ରୟୋଗ କଲା ସେତେବେଳେ ଯେଉଁ ଦାନ୍ତ କାମୁଡ଼ିଥିଲ, ଯାହାର ପାଟିରେ ଦାନ୍ତ ଥିଲା ସେ ଦିୟତ୍ (କ୍ଷତିପୂରଣ) ର ଦାବି କଲା । ସେ କହିଲା, ହେ ବ୍ୟକ୍ତି ତୁମେ ମୋର ଦାନ୍ତ ଭାଙ୍ଗି ଦେଇଛ, ତେଣୁ ତୁମେ ମୋ ଦାନ୍ତର କ୍ଷତିପୂରଣ ଦିଅ । ସୁତରାଂ ଆପଣ ସ.ଅ ସେହି ବ୍ୟକ୍ତିଙ୍କୁ ନିରୁତ୍ତର ଓ ନିରବ ବିବଚିତ କରିଦେଲେ । ସେମାନେ କହିଲେ, ଏହା ଭୁଲ୍ ଅଟେ । ଅର୍ଥାତ୍ ଆଁହଜରତ ସ.ଅ ଦିୟତର (କ୍ଷତିପୂରଣ) ଅଧିକାରୀ ବୋଲି ବିବେଚିତ କଲେ ନାହିଁ। ଆପଣ ସ.ଅ କହିଲେ, ହେ ବ୍ୟକ୍ତି ! କ'ଣ ସେ ନିଜର ହାତକୁ ତୁମ ପାଟି ଭିତରେ ଛାଡ଼ି ଦେଇଥାଆନ୍ତା ଯଦ୍ଦ୍ୱାରାକି ତୁମେ ସେହି ବ୍ୟକ୍ତିର ହାତ ଚୋବେଇ ଦେଇଥାଆନ୍ତ? ଅର୍ଥାତ୍ ଓଟ ପାଟିରେ ହାତ ରହିଛି ତାହାକୁ ଓଟ ଚୋବାଇ ଖାଇ ଦେବ । ଅର୍ଥାତ୍ ଯେଉଁ ବ୍ୟକ୍ତିର ହାତ କାମୁଡ଼ା ଯାଉଥିବା ସେହି ବ୍ୟକ୍ତି ନିଜର ଆତ୍ମ ରକ୍ଷା ନିମନ୍ତେ ଯେତେବେଳେ ନିଜ ହାତକୁ ଟାଣିଲା ସେତେବେଳେ ସେହି ବ୍ୟକ୍ତିର ଦାନ୍ତ ଭାଙ୍ଗିଗଲା। ତେଣୁ ଆଉ କୌଣସି କ୍ଷତିପୂରଣ ନାହିଁ । **(ବୁଖାରୀ କିତାବୁଲ୍ ମୁଗାଜି, ବାବ୍-ଗଜୱା ତୁବୁକ୍ ଓ ହିୟା ଗଜୱତୁଲ୍ ଉସ୍ରାହ୍.....ହଦିସ୍ ନଂ-4417, ଅନୁବାଦକ, ଗ୍ରନ୍ଥଖଣ୍ଡ-9, ପୃ-299-300) (ସୁନନ୍ ଇବନେ ମାଜା كِتَابُ الدِّيَاتِ، بَابُ مَنْ عَضَّ رَجُلًا فَنَزَعَ يَدَهُ فَنَدَرَ ثَنَايَاهُ, ହଦିସ୍ ନଂ-2656)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଅତଏବ୍ ଉକ୍ତ ଦିୟତ୍ (କ୍ଷତିପୂରଣ) ମଧ୍ୟ ସତ୍ୟତା ଓ ପରିସ୍ଥିତି ଅନୁଯାୟୀ ହୋଇଥାଏ । କୌଣସି ସତ୍ୟତାକୁ ନଦେଖି ଦିୟତ୍ ଦିଆଯାଏ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ନାହିଁ । ସେହିପରି ସେହି ଯାତ୍ରାର ଘଟଣାବଳୀ ମଧ୍ୟରୁ ଅନ୍ୟ କେତେକ ଘଟଣାବଳୀ ମଧ୍ୟ ରହିଛି । ଉଦାହରଣ ସ୍ୱରୂପ-ଅବୁ ହମିଦ୍ ସାଆଦି ର.ଅ ବର୍ଣ୍ଣନା କରନ୍ତି ଯେ, ତୁବୁକ୍ ଯୁଦ୍ଧରେ ଯାତ୍ରା କରିବା ସମୟରେ କୁରା ନାମକ ଏକ ଉପତ୍ୟକାରେ ଯେତେବେଳେ ଆଁହଜରତ ସ.ଅ ପହଞ୍ଚିଲେ ସେତେବେଳେ ସେଠାରେ ଖଜୁରୀ କୋଳିର ଏକ ଉଦ୍ୟାନ ଥିଲା । ନବୀ କରୀମ୍ ସ.ଅ ନିଜର ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ! ତୁମେମାନେ ଟିକେ ଆକଳନ କଲ କେତେ ଖଜୁରୀ ହେବ ? ପ୍ରତ୍ୟୁତ୍ତରରେ ସମସ୍ତ ସାହାବାମାନେ ଆକଳନ କଲେ ଏବଂ ରସୁଲୁଲ୍ଲାଃ ସ.ଅ ମଧ୍ୟ ଦଶ ୱସକ୍ ଅର୍ଥାତ୍ ପ୍ରାୟ 1800 କି.ଗ୍ରା ହେଲା । ଅର୍ଥାତ୍ ଖଜୁରୀ ବୃକ୍ଷରୁ ଏତିକି ଖଜୁରୀ ବାହାରିବ । ଉଦ୍ୟାନର ମାଲିକାଣୀ ଉପସ୍ଥିତ ଥିଲା । ପୁନଶ୍ଚ ଆପଣ ସ.ଅ ସେହି ମାଲାକାଣୀକୁ କହିଲେ, ହେ ମାଲିକାଣୀ ! ତୁମେ ଯେତେବେଳେ ଉଦ୍ୟାନରୁ ଫଳ ତୋଳିବ ସେତେବେଳେ ଓଜନ ମନେରଖିବ ଯେ, ଓଜନ୍ କେତେ ଥିଲା ? ବର୍ଣ୍ଣନାକାରୀ କୁହନ୍ତି ଯେ, ତୁବୁକ୍ ଯୁଦ୍ଧରୁ ଫେରିବା ପରେ ଯେତେବେଳେ ଆମେମାନେ ସେହି ଉଦ୍ୟାନ ପାଖରେ ପହଞ୍ଚିଲୁ ସେତେବେଳେ ସେହି ମହିଳାକୁ ଆମେମାନେ ପଚାରିଲୁ ଯେ, କେତେ ଫଳ ତୋଳା ହୋଇଛି ? ପ୍ରତ୍ୟୁତ୍ତରରେ ସେହି ମହିଳା ଜଣକ କହିଲା ଆଁହଜରତ୍ ସ.ଅ ଯେତେକି କହିଥିଲେ ଠିକ୍ ସେତିକି ଓଜନର ଫଳ ତୋଳା ହୋଇଛି । ଅର୍ଥାତ୍ ଦସ୍ ୱସକ୍ (10 କି.ଗ୍ରା) । ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସେହିପରି ଉପରୋକ୍ତ ହଦିସ୍ର ବର୍ଣ୍ଣନାକାରୀ କୁହନ୍ତି ଯେ, ଆମେମାନେ ଯେତେବେଳେ ତୁବୁକ୍ ଯୁଦ୍ଧରୁ ଆସିଲୁ ସେତେବେଳେ ଆପଣ ସ.ଅ କହିଲେ, ହେ ଅବୁ ହମିଦ୍ ! ତୁମେ ସତର୍କ ରହିବ । ଆଜି ରାତ୍ରିରେ ପବନ ଝଡ଼ ହେବାର ସମ୍ଭାବନା ରହିଛି ଏବଂ କେହି ବି ବାହାରେ ଛିଡ଼ା ନରହୁ । ଯେଉଁ ବ୍ୟକ୍ତି ସହିତ ଓଟ ରହିଛି ସେ ନିଜ ଓଟର ଡୋର (ଦଉଡ଼ି) ବାନ୍ଧି ଦେଉ ଏବଂ ଓଟର ଆଣ୍ଠୁ ମଧ୍ୟ ବାନ୍ଧି ଦେଉ । କୌଣସି ବ୍ୟକ୍ତି ଯଦି ବାହାରକୁ ଯିବାକୁ ଆବଶ୍ୟକତା ପଡ଼ିଲା ତେବେ ସେପରିପ୍ରେକ୍ଷୀରେ ସେ ବାହାରକୁ ଏକୁଟିଆ ନଯାଉ। ବରଂ ଦୁଇ ଜଣ ବ୍ୟକ୍ତି ମିଶିକି ଯାଆନ୍ତୁ । ଏପରି ପ୍ରତିତ ହେଉଛି ଯେପରିକି ଆପଣ ସ.ଅଙ୍କୁ ଝଡ଼ ତୋଫାନର ପୂର୍ବାନୁମାନ ହୋଇ ଯାଇଥିଲା ଅବା ସମ୍ଭବତଃ ଅଲ୍ଲାଃତାଲା ଆପଣ ସ.ଅଙ୍କୁ କହି ଦେଇଥିବେ । ସାହାବା ର.ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ ଆଁହଜରତ୍ ସ.ଅଙ୍କ ଆଦେଶ ପାଳନପୂର୍ବକ ନିଜର ଓଟମାନଙ୍କୁ ବାନ୍ଧି ଦେଲୁ ଏବଂ ପୁନଶ୍ଚ ସେହି ରାତ୍ର ଖୁବ ଜୋରରେ ଝଡ଼ ପବନ (ବତାସ) ବହିଲା । ଜଣେ ବ୍ୟକ୍ତି ଛିଡ଼ା ହୋଇଥିଲା ତେବେ ସେହି ବ୍ୟକ୍ତିକୁ ପବନ ତେି ସଂପ୍ରଦାୟର ପର୍ବତ ଉପରେ ନେଇ ଫିଙ୍ଗିଦେଲା । **(ସହିହୁଲ୍ ବୁଖାରୀ, କିତାବୁଜ୍ ଜକାତ୍, ବାବ-ଖରସତ୍ ତମ୍ରୁ ଅନୁବାଦକ, ଗ୍ରନ୍ଥଖଣ୍ଡ-3, ପୃ-124-125) (ସହି ମୁସଲିମ୍, ନୁର୍ ଫାଉଣ୍ଡେସନ୍- ଗ୍ରନ୍ଥଖଣ୍ଡ-12, ପୃ-184) (ଅଲ୍ ଲୁଉଲୁଉଲ୍ ମକ୍ନୁନ୍, ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-୨ ପୃ-489, ମକ୍ତବା ଦାରୁସ୍ ସଲାମ୍)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସେହିପରି ଆଉ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ବନୁ ସାଆଦାର ଦୁଇ ଜଣ ବ୍ୟକ୍ତି ଉକ୍ତ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କଲେ ନାହିଁ । ଜଣେ ବ୍ୟକ୍ତି ମଇଦାନ ଯିବା ନିମନ୍ତେ (ଦୁଇ ଯିବା ନିମନ୍ତେ) ବାହାରିଲା ଏବଂ ଅନ୍ୟ ଜଣେ ଓଟ ଖୋଜିବାକୁ ଏକୁଟିଆ ବାହାରି ପଡ଼ିଲା । ଯେଉଁ ବ୍ୟକ୍ତି ଦୁଇ ଯିବା ନିମନ୍ତେ ଯାଇଥିଲା ସେହି ବ୍ୟକ୍ତିକୁ ଖନ୍ନାକ୍ ନାମକ ରୋଗ ହୋଇଗଲା । ଉକ୍ତ ରୋଗ ହେଉଛି ଗଳାଜନିତ ଏକ ରୋଗ । ସେହିପରି ଯେଉଁ ବ୍ୟକ୍ତି ନିଜର ଓଟକୁ ଖୋଜିବା ନିମନ୍ତେ ବାହାରିଥିଲା ତାକୁ ଦ୍ରୁତ ପବନ ଉଡ଼ାଇ ନେଇ ତେି ନାମକ ପର୍ବତ ମଧ୍ୟରେ ପିଙ୍ଗିଦେଲା । ଆଁହଜରତ୍ ସ.ଅଙ୍କୁ ଯେତେବେଳେ ଉକ୍ତ ଘଟଣା ସଂପର୍କରେ ସୂଚନା ମିଳିଲା ସେତେବେଳେ ଆପଣ ସ.ଅ କହିଲେ, ମୁଁ ତୁମମାନଙ୍କୁ କହିଥିଲି ପରା ତୁମେମାନେ କାହାରିକୁ ସଙ୍ଗରେ ନନେଇ ବାହାରକୁ ବାହାରିବ ନାହିଁ ? ହେଲେ ତୁମେମାନେ ମୋ କଥା ମାନିଲ ନାହିଁ । ସେହି ଦୁଇ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ଅସୁସ୍ଥ ହୋଇଯାଇଥିଲେ ଆପଣ ସ.ଅ ତାଙ୍କ ନିମନ୍ତେ ଦୁଆ କଲେ । ସେହି ବ୍ୟକ୍ତି ସୁସ୍ଥ ହୋଇଗଲେ ଏବଂ ଅନ୍ୟ ଜଣେ ବ୍ୟକ୍ତିକୁ ପବନ ଉଡ଼ାଇ ତେି ନାମକ ପର୍ବତ ଫୋପାଡ଼ି ଦେଇଥିଲା ତାଙ୍କୁ ସ୍ୱୟଂ ତେି ସଂପ୍ରଦାୟ ପରବର୍ତ୍ତୀ ସମୟରେ ଆପଣ ସ.ଅଙ୍କ ପାଖକୁ ମଦିନା ନେଇ ଆସିଲେ । **(ତାରିଖୁତ୍ ତବ୍ରୀ, ଗ୍ରନ୍ଥଖଣ୍ଡ-2, ପୃ-183, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2012 ମସିହା)(ଫିରୋଜୁଲ୍ ଲୁଗାତ୍, ପୃ-596, ଫିରୋଜ୍ ସନସ୍)** ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସେହିପରି ଆଉ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଝଡ଼ ତୋଫାନ ପରେ ଯେତେବେଳେ ଲୋକମାନେ ସକାଳ କଲେ ସେତେବେଳେ ସେମାନଙ୍କ ପାଖରେ ଜଳ ଉପସ୍ଥିତ ନଥିଲା । ସେମାନେ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମ ପାଖରେ ଜଳ ନାହିଁ । ତେବେ ରସୁଲୁଲ୍ଲାଃ ସ.ଅ ଦୁଆ କଲେ । ଅଲ୍ଲାଃତାଲା ଏକ ମେଘ ଖଣ୍ଡ ପ୍ରେରଣ କଲେ । ସେହି ମେଘ ଖଣ୍ଡ ପ୍ରବଳ ବର୍ଷ କଲା ଏପର୍ଯ୍ୟନ୍ତକି ଲୋକମାନେ ନିଜର ନିଜର ଜଳ ପାତ୍ରରେ ଜଳ ଭର୍ତ୍ତି କରିନେଲେ ଏବଂ ନିଜ ନିଜର ଆବଶ୍ୟକତ ପୂରଣ କରିନେଲେ । **(ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍ନି ହିଶ୍ଶାମ୍, ପୃ-819, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍-2001 ମସିହା)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ରସୁଲୁଲ୍ଲାଃ ସ.ଅଙ୍କ ଦୁଆ କରିବା ଫଳରେ ତୁବୁକ୍ ଯାତ୍ରା ସମୟରେ ଚମତ୍କାରିକ ରୂପେ ବୃଷ୍ଟିପାତର ଆଉ ଏକ ଘଟଣାର ଚର୍ଚ୍ଚା ଏହିପରି ମିଳେ ଯେ, ହ. ଇବ୍ନେ ଅବ୍ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କୁ ଏହା କୁହାଗଲା କି ଆପଣ ଆମମାନଙ୍କୁ ତୁବୁକ୍ ଯୁଦ୍ଧ ସଂପର୍କରେ କିଛି କୁହନ୍ତୁ । ତେବେ ସେ କହିଲେ, ଶୁଣ ସମ୍ଭବତଃ ଆମେମାନେ ଗ୍ରୀଷ୍ମ ଋତୁରେ ତୁବୁକ୍ ଅଭିମୁଖେ ବାହାରିଲୁ । ଆମେମାନେ ଏକ ସ୍ଥାନରେ ଶିବିର ପକାଇଲୁ । ଆମମାନଙ୍କୁ ଶୋଷ ଲାଗିଲା । ଏପର୍ଯ୍ୟନ୍ତକି ଆମେମାନଙ୍କୁ ଏପରି ଅନୁଭୂତ ହେଲା ଯେପରିକି ଆମମାନଙ୍କର ବେକ କଟିଯିବ । ଆମମାନଙ୍କର ଏହି ଅବସ୍ଥା ହୋଇଗଲା ଯେ, ଜଣେ ବ୍ୟକ୍ତି ଜଳ ସନ୍ଧାନରେ ଯାଉଥିଲା ଏବଂ ସେ ଆଉ ଆମ ଗହଣକୁ ଫେରୁ ନଥିଲା । ଅତଏବ୍ ଆମେମାନେ ଏହା ମନେକଲୁ ଯେ, ସମ୍ଭବତଃ ସେ ମୃତ୍ୟୁବରଣ କରିଛି । ଜଣେ ବ୍ୟକ୍ତି ନିଜର ଓଟର ବଳିଦାନ ଦେଉଥିଲା ଏବଂ ସେ ସେହି ଓଟର ପାକସ୍ଥଳୀରୁ ଜଳ ଚିପୁଡ଼ି ଜଳପାନ କରୁଥିଲା ଏବଂ ଅବଶିଷ୍ଟ ଯେଉଁ ଜଳ ବଳି ଯାଉଥିଲା ସେହି ଜଳକୁ ସେ ନିଜ ପେଟ ଉପରେ ଢାଳି ଦେଉଥିଲା । (ଅର୍ଥାତ୍ ଗ୍ରୀଷ୍ମର ତାପମାତ୍ରାକୁ କମ୍ କରିବା ନିମନ୍ତେ ସେ ଏପରି କରୁଥିଲା) ଅବା ସେହି ବ୍ୟକ୍ତି ନିଜ ପେଟରେ ଏକ ପାତ୍ର ରଖିଥିଲା ସେହି ପାତ୍ର ମଧ୍ୟରେ ସେ ଅବଶିଷ୍ଟ ଜଳକୁ ସଂଗ୍ରହ କରି ରଖି ନେଉଥିଲା। ହ. ଅବୁ ବକ୍କର ସିଦ୍ଦିକ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅଲ୍ଲାଃତାଲା ଆପଣ ସ.ଅଙ୍କ ଦୁଆରେ ପୁଣ୍ୟ ନିହିତ ରଖିଛନ୍ତି । ତେଣୁ ଆପଣ ସ.ଅ ଆମମାନଙ୍କ ସକଶେ ଟିକେ ଦୁଆ କରନ୍ତୁ । ନବୀ କରୀମ୍ ସ.ଅ ପଚାରିଲେ, ହେ ସାହାବାମାନେ କ'ଣ ତୁମେମାନେ ଏହା ଚାହୁଁଛ ଯେ,, ମୁଁ ଏଥି ନିମନ୍ତେ ଦୁଆ କରିବି ? ସେ କହିଲେ, ଆଜ୍ଞା ହଁ । ତେବେ ନବୀ କରୀମ୍ ସ.ଅ ନିଜର ଦୁଇ ହାତକୁ ଉପରକୁ ଉଠାଇ ନେଲେ। ଆପଣ ସ.ଅ ନିଜର ହାତ ବର୍ତ୍ତମାନ ତଳକୁ କରି ନଥିଲେ କି ଆକାଶରେ ମେଘ ଘୋଟି ଆସିଲା ଏବଂ ଆକାଶ ମେଘାଛନ୍ନ ହୋଇଗଲା ଏବଂ ବର୍ଷା ଆରମ୍ଭ ହୋଇଗଲା । ଲୋକମାନଙ୍କ ପାଖରେ ଯେଉଁ ପାତ୍ର ରହିଥିଲା ତାହା ମଧ୍ୟରେ ଲୋକମାନେ ଜଳ ସଂଗ୍ରହ କରି ରଖିଲେନେଲେ । ପୁନଶ୍ଚ ତପ୍ରେ ଆମେମାନେ ଉକ୍ତ କଥାର ସମୀକ୍ଷା କଲୁ ଯେ, ସୈନ୍ୟବାହିନୀ ଆଗକୁ ଆଦୌ ବର୍ଷା ହୋଇ ନାହିଁ । **(ଅଲ୍ ଲୁଉଲୁଉଲ୍ ମକ୍ନୁନ୍, ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-୨ ପୃ-490, ମକ୍ତବା ଦାରୁସ୍ ସଲାମ୍) (ସହି ଇବ୍ନେ ହବ୍ବାନ୍ କିତାବୁତ୍ ତାହାରତ୍, ବାବ୍- ଜିକ୍ରୁଲ୍ ଖବ୍ରିଦ୍ ଦାଲ୍ ଅଲା ଅନ୍ ଫର୍ସା ମା ଯୁୱକ୍କିଲୁ ଲହ୍ମହୁ ଗୈରା ନଜସିନ୍, ହଦିସ୍ ନଂ-1383, ଦାରୁଲ୍ ମାଆରିଫତା, ବୈରୁତ୍)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ମୁଆଜ୍ ବିନ୍ ଜବଲ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ତୁବୁକ୍ ଯୁଦ୍ଧ ବର୍ଷ ବାହାରିଲୁ । ଆପଣ ସ.ଅ ନମାଜ୍ ଏକତ୍ରିତ କରି ପାଠ କରୁଥିଲେ । ଆପଣ ସ.ଅ ଜୁହୋର୍, ଅସର୍, ମଗ୍ରିବ୍, ଇଶା ଏକତ୍ରିତ କରି ପାଠ କଲେ । ଦିନେ ଆପଣ ସ.ଅ ନମାଜ ବିଳମ୍ବ କରିଦେଲେ। ଆପଣ ସ.ଣ ବାହାରକୁ ଯେତେବେଳେ ଆସିଲେ ସେତେବେଳେ ଆପଣ ସ.ଅ ଜୁହୋର୍ ଓ ଅସର୍ ନମାଜ ଏକତ୍ରିତ କରି ପାଠ କଲେ । ପୁନଶ୍ଚ ଆପଣ ସ.ଅ ଭିତରକୁ ଗଲେ ଏତଦ୍ପରେ ଆପଣ ସ.ଅ ବାହାରକୁ ବାହାରିଲେ ଏବଂ ମଗ୍ରିବ୍ ଓ ଇଶା ନମାଜ୍ ଏକତ୍ରିତ କରି ପାଠ କଲେ । ପୁନଶ୍ଚ ହୁଜୁର ଅନ୍ୱର୍ ସ.ଅ କହିଲେ, ହେ ସାହାବାମାନେ ! କାଲି **ଇନ୍ଶାଅଲ୍ଲାଃ** ତୁବୁକ୍ର ଝରଣା ପାଖରେ ପହଞ୍ଚିବ । ଯେପର୍ଯ୍ୟନ୍ତ ଭଲ ଭାବରେ ସକାଳ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ତୁମେମାନେ ସେହି ଝରଣା ପାଖରେ ପହଞ୍ଚିବ ନାହିଁ । ତେଣୁ ମୁଁ ଯେପର୍ଯ୍ୟନ୍ତ ଆସିଯାଇ ନାହିଁ ସେପର୍ଯ୍ୟନ୍ତ ତୁମମାନଙ୍କ ମଧ୍ୟରୁ ଯେକେହି ସେହି ଝରଣା ପାଖରେ ଯଦି ପହଞ୍ଚେ ତେବେ ସେ ଉକ୍ତ ଝରଣାର ଜଳକୁ ଆଦୌ ସ୍ପର୍ଶ ନକରୁ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ବର୍ଣ୍ଣନାକାରୀ କୁହନ୍ତି, ସୁତରାଂ ଆମେମାନେ ସେହି ଝରଣା ପାଖରେ ପହଞ୍ଚିଲୁ । କିନ୍ତୁ ଦୁଇ ଜଣ ବ୍ୟକ୍ତି ଆମ ପୂର୍ବରୁ ସେଠାରେ ପହଞ୍ଚି ସାରିଥିଲେ ଏବଂ ଝରଣାରୁ ଅଳ୍ପ ପରିମାଣର ଜଳ ପ୍ରବାହିତ ହେଉଥିଲା । ବର୍ଣ୍ଣନାକାରୀ କୁହନ୍ତି, ରସୁଲୁଲ୍ଲାଃ ସ.ଅ ସେହି ଦୁଇ ଜଣ ବ୍ୟକ୍ତିଙ୍କୁ ପଚାରିଲେ ଯେ, ହେ ବ୍ୟକ୍ତିମାନେ କ'ଣ ତୁମେମାନେ ଉକ୍ତ ଝରଣାର ଜଳକୁ ସ୍ପର୍ଶ କରିଛ କି ? ସେହି ଦୁଇ ଜଣ ବ୍ୟକ୍ତି

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

କହିଲେ, ଆଜ୍ଞା ହଁ ଆମେମାନେ ଝରଣାର ଜଳକୁ ସ୍ପର୍ଶ କରିଛୁ । ପୁନଶ୍ଚ ରସୁଲୁଲ୍ଲାଃ ସ.ଅ ସେହି ଦୁଇ ଜଣ ବ୍ୟକ୍ତିମାନଙ୍କୁ ସତର୍କ କରାଇ କହିଲେ ଏବଂ ଅଲ୍ଲାଃତାଲା ଯାହା ଚାହିଁଲେ ଆପଣ ସ.ଅ ସେମାନଙ୍କୁ ସେହି କଥା କହିଲେ । ବର୍ଣ୍ଣନାକାରୀ କୁହନ୍ତି ଯେ, ଲୋକମାନେ ସେହି ଝରଣାରୁ ନିଜ ହାତରୁ ଅଳ୍ପ ଅଳ୍ପ କରି ପାଣି ବାହାର କଲେ । ଏପର୍ଯ୍ୟନ୍ତକି ଏକ ପାତ୍ରରେ କିଛି ପରିମାଣର ଜଳ ଏକତ୍ରିତ ହୋଇଗଲା । ପୁନଶ୍ଚ ରସୁଲୁଲ୍ଲାଃ ସ.ଅ ତହିଁରେ ନିଜର ଉଭୟ ହାତ ଓ ମୁଖ ଧୋଇଲେ । ଏତଦ୍‌ପରେ ଜଳକୁ ସେହି ଝରଣାରେ ପୁନଃ ପକାଇଦେଲେ । ତେବେ ଝରଣାର ଜଳ ଦ୍ରୁତ ଗତିରେ ପ୍ରବାହିତ ହେବାକୁ ଲାଗିଲା । ଏପର୍ଯ୍ୟନ୍ତକି ଲୋକମାନଙ୍କର ପେଟ ପୂରିଗଲା । ପୁନଶ୍ଚ ରସୁଲୁଲ୍ଲାଃ ସ.ଅ ହ. ମୁଆଜ୍ ବିନ୍ ଜବଲ୍ ର.ଅଙ୍କୁ ସମ୍ବୋଧିତ କରି କହିଲେ, "ହେ ମୁଆଜ୍ ! ଯଦି ତୁମେ ଦୀର୍ଘାୟୁ ହେଲ ତେବେ ତୁମେ ଦେଖିନେବ ଯେ, ତୁବୁକ୍ ଉପତ୍ୟକା ଉଦ୍ୟାନ ଦ୍ୱାରା ପରିପୂର୍ଣ୍ଣ ହୋଇଯିବ ।" **(ସହି ମୁସ୍‌ଲିମ୍, କିତାବୁଲ୍ ଫଜାଇଲି, ବାବ୍- ମୁଅଜ୍‌ଜାତୁନ୍ ନବୀ ସ.ଅ, ହଦିସ୍ ନଂ-4215, ଅନୁବାଦକ-ନୁର୍ ଫାଉଣ୍ଡେସନ୍, ଗ୍ରନ୍ଥଖଣ୍ଡ-12, ପୃ-184,185)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମୁହମ୍ମଦ୍ ବିନ୍ ଅବଦୁଲ୍ ବାକି ଜର୍କାନୀ ଉକ୍ତ ହଦିସ୍‌ର ବିବରଣୀ ପ୍ରଦାନ କରି ଉଲ୍ଲେଖ କରିଛନ୍ତି ଯେ, ଏହା ଆଦୃଷ୍ଟ ସୂଚନା ଥିଲା ଯାହା ସଂପୂର୍ଣ୍ଣ ହୋଇସାରିଛି ଏବଂ ଆଁହଜରତ ସ.ଅ ହ. ମୁଆଜ୍ ର.ଅଙ୍କର ଯେଉଁ ବିଶେଷ ଚର୍ଚ୍ଚା କରିଛନ୍ତି ତହିଁରେ ମଧ୍ୟ କୌଣସି ଆଦୃଷ୍ଟ ସୂଚନା ରହିଥିଲା । କାରଣ ତହିଁରେ ଈଶ୍ୱରଙ୍କ ବିଧାନ ନିହିତ ରହିଥିଲା । ଅର୍ଥାତ୍ ପରବର୍ତ୍ତୀ ସମୟରେ ହ. ମୁଆଜ୍ ର.ଅ ସେହି ଅଞ୍ଚଳ ଅର୍ଥାତ୍ ସିରୀୟା ଆଡ଼କୁ ଆସିଯାଇଥିଲେ ଏବଂ ଏହିଠାରେ ହିଁ ତାଙ୍କର ବିୟୋଗ ହୋଇଥିଲା । ତହିଁରୁ ଏହା ପ୍ରତିତ ହୁଏ ଯେ, ଆପଣ ସ.ଅ ଐଶାବାଣୀକୁ ଜାଣି ପାରିଥିଲେ ଯେ, ହ. ମୁଆଜ୍ ର.ଅ ସେହି ସ୍ଥାନକୁ ଦେଖିବେ ଏବଂ ତାହା ଉପତ୍ୟକା ଏବଂ ଉଦ୍ୟାନର ସମାହାର ହୋଇଯିବ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଇବ୍‌ନେ ୱଜ୍ଜାହ୍ ଅର୍ଥାତ୍ ଅବୁ ଅବ୍‌ଦୁଲ୍ଲାଃ ଇବ୍‌ନେ ୱଜ୍ଜାହ୍ ଯାହାଙ୍କର ଜୀବନ କାଳ 199 ହିଜ୍ରୀରୁ 287 ହିଜ୍ରୀ ଅଟେ । ଆପଣ ଉନ୍ଦୁଲୁସ୍‌ର ବିଖ୍ୟାତ୍ ମୁହଦ୍ଦିସ୍ (ହଦିସ୍‌ର ବିଦ୍ୱାନ୍) ରୂପେ ଜଣାଶୁଣା ଅଟନ୍ତି । ସେ କୁହନ୍ତି ଯେ, ମୁଁ ସେହି ଝରଣାର ଆଖପାଖରେ ଥିବା ସମସ୍ତ ସ୍ଥାନକୁ ଦେଖିଛି । ବୃକ୍ଷର ସବୁଜିମା ଏବଂ ଶସ୍ୟ ଶ୍ୟାମଳତା ଏପରି ଥିଲା ଯେପରିକି ଏହି ପରମ୍ପରା ପ୍ରଳୟ ଦିବସ ପର୍ଯ୍ୟନ୍ତ ଅବ୍ୟାହତ ରହିଛି ଏବଂ ଏହିପରି ଆପଣ ସ.ଅଙ୍କର ଭବିଷ୍ୟବାଣୀ ଥିଲା । **(ଶରହୁଲ୍ ଅଲ୍ଲାମା ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଗ୍ରନ୍ଥ ଖଣ୍ଡ-1, ପୃ-436, ଦାରୁଲ୍ ଅହୟାଉତ୍ ତୁରାସୁଲ୍ ଅରବି, ବୈରୁତ୍, 1997 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏଟ୍‌ଲସ୍ ଆଁହଜରତ ସ.ଅଙ୍କ ଜୀବନୀ ସଂପର୍କରେ ତୁବୁକ୍‌ର ସେହି ଝରଣାର ଅତିରିକ୍ତ ବିବରଣୀ ଏହିପରି ପ୍ରଦାନ କରିଛି ଯେ, ତୁବୁକ୍‌ର ଶରିୟା ବିଭାଗର ଅଧିପତି ଶେଖ୍ ସାଲେହ୍ କହିଲେ ଯେ, ଏହି ଝରଣା ଦୁଇ ବର୍ଷ ପର୍ଯ୍ୟନ୍ତ 1425 ଖ୍ରୀ.ଅ ପର୍ଯ୍ୟନ୍ତ ଅହରହ ଝରୁଥିଲା । ତେଣୁ ଉକ୍ତ ଘଟଣାଟି ସେହି ସମୟରେ ଘଟଣା ଅଟେ ଏବଂ ପରବର୍ତ୍ତୀ ସମୟରେ ଯେତେବେଳେ ଡାଲୁ ଅଞ୍ଚଳରେ ନଳକୂପ ଖନନ କରାଗଲା ସେତେବେଳେ ସେହି ଝରଣାର ଜଳ ସେହି ନଳକୂପ ଆଡ଼କୁ ସ୍ଥାନାନ୍ତରିତ ହୋଇଗଲା । ପ୍ରାୟ 50ଟି ନଳକୂପ ବଣ୍ଟା ହୋଇଯିବା ପରେ ବର୍ତ୍ତମାନ ଏହି ଝରଣାଟି ଶୁଷ୍କ ପ୍ରାୟ ହୋଇଯାଇଛି । ଏତଦ୍‌ପରେ ଶେଖ୍ ସାଲେହ୍ ଆମମାନଙ୍କୁ ଏକ ନଳକୂପ ଆଡ଼କୁ ନେଇଗଲେ ଯେଉଁଠି ଆମେମାନେ ଦେଖିଲୁ କି 4, 5 ଇଞ୍ଚର ଏକ ନଳ ସଂଲଗ୍ନ ହୋଇଛି ଏବଂ କୌଣସିନ ଏକ ମେସିନ୍ ବିନା ସେହି ନଳରୁ ଦ୍ରୁତ ଗତିର ଜଳ ବାହାରୁଛି । ପ୍ରାୟତଃ ସମାନ ଅବସ୍ଥା ଅନ୍ୟ ନଳକୂପମାନଙ୍କର ମଧ୍ୟ ଦର୍ଶାଯାଇଛି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହା ନବୀ କରୀମ୍ ସ.ଅଙ୍କ ଚମତ୍କାରିକ କଲ୍ୟାଣ ଅଟେ । ଆଜି ତୁବୁକ୍ ଭୂମିରେ ଅନେକ ସ୍ଥାନରେ ଭୂତଳ ଜଳ ବିଦ୍ୟମାନ ରହିଛି । ଅର୍ଥାତ୍ ମଦିନା ଏବଂ ଖୈବର୍ ବ୍ୟତୀତ ଆମକୁ ଅନ୍ୟ କେଉଁଠି ବି ଜଳ ଦେଖିବାକୁ ସୁଯୋଗ ମିଳି ନାହିଁ । ବରଂ ବାସ୍ତବତା ଏହିକି ଯେ, ତୁବୁକ୍ ଭୂମିର ଜଳ ଉଭୟ ସ୍ଥାନରୁ ଅର୍ଥାତ୍ ମଦିନା ଓ ଖୈବର୍ ଅପେକ୍ଷା ମଧ୍ୟ ଅଧିକ ରହିଛି । ସେହି ଜଳରୁ ଉପକୃତ ହୋଇ ବର୍ତ୍ତମାନ ତୁବୁକ୍ ଅଞ୍ଚଳର ପ୍ରତ୍ୟେକ ସ୍ଥାନରେ ଉଦ୍ୟାନ ରୋପଣ କାର୍ଯ୍ୟ ଚାଲିଛି ଏବଂ ନବୀ କରୀମ୍ ସ.ଅଙ୍କ ଭବିଷ୍ୟବାଣୀ ଅନୁଯାୟୀ ତୁବୁକ୍ ଅଞ୍ଚଳ ଉଦ୍ୟାନ ଦ୍ୱାରା ପରିପୂର୍ଣ୍ଣ ଅଟେ ଓ ଦିନକୁ ଦିନ ଉଦ୍ୟାନ ପରିପୂର୍ଣ୍ଣ ହୋଇ ଚାଲିଛି । **(ଏଟ୍‌ଲସ୍, ସିରତୁନ୍ ନବୀ ସ.ଅ, ଲେଖକ-ଡାକ୍ତର ଶୋକି ଅବୁ ଖଲିଲ୍, ଅନୁବାଦକ, ପୃ-431, ଦାରୁସ୍ ସଲାମ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତୁବୁକ୍ ଯୁଦ୍ଧର ପ୍ରହରା ଦେବାର ଦାୟିତ୍ୱ ସଂପର୍କରେ ମଧ୍ୟ ବର୍ଣ୍ଣନାମାନଙ୍କରେ କଥନ ଉଲ୍ଲେଖ ରହିଛି । ଅର୍ଥାତ୍ ତୁବୁକ୍ ଯୁଦ୍ଧରେ ରସୁଲୁଲ୍ଲାଃ ସ.ଅଙ୍କ ହିଫାଜତେ କାସ୍ (ବିଶେଷ ଅଙ୍ଗରକ୍ଷୀ) ହ. ଉବ୍‌ବାଦ୍ ବିନ୍ ବିଶର୍‌ଙ୍କୁ ମୁତୟନ କରାଯାଇଥିଲା । ସେ ନିଜର ସାଥିମାନଙ୍କ ସମେତ ସୈନ୍ୟବାହିନୀର ଆଖପାଖରେ ପ.ରିକ୍ରମା କରୁଥିଲେ । ଦିନେ ସେ ରସୁଲୁଲ୍ଲାଃ ସ.ଅ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ନିଜ ପଛେ ସକାଳ ହେବା ପର୍ଯ୍ୟନ୍ତ ତକବିରର ସ୍ୱର ଶୁଣିଥାଉ । କ'ଣ ଆପଣ ସ.ଅ ଆମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତିକୁ ସୁରକ୍ଷା ନମିନ୍ତେ ପରିକ୍ରମା କରିବା ନିମନ୍ତେ ଆଦେଶ ଦେଇଛନ୍ତି କି ? ଆପଣ ସ.ଅ କହିଲେ, ମୁଁ ଏପରି କରି ନାହିଁ । କିନ୍ତୁ ସମ୍ଭବତଃ କେତେକ ସ୍ୱେଚ୍ଛାସେବୀ ମୁସଲମାନମାନେ ସ୍ୱେଚ୍ଛାକୃତ ରୂପେ କାର୍ଯ୍ୟ ସମ୍ପାଦନ କରୁଥିବେ । ସୁତରାଂ ହ. ସିଲ୍‌କାନ ବିନ୍ ସଲାମା ନାମକ ଜଣ ବ୍ୟକ୍ତିର ଡିୟୁଟି ଲାଗି ନଥିଲା । କିନ୍ତୁ ସେ ଆଁହଜରତ ସ.ଅଙ୍କ ପ୍ରେମରେ ସ୍ୱୟଂ ଏହି କାର୍ଯ୍ୟ କରୁଥିଲେ । ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ନିଜର 10ଜଣ ଅଶ୍ୱାରୋହୀ ମୁସଲମାନମାନଙ୍କୁ ସାଙ୍ଗରେ ଧରି ବାହାରୁଛି ଏବଂ ସେହି ଡିୟୁଟି ଦେଉଥିବା ସୁରକ୍ଷା କର୍ମୀଙ୍କୁ ସୁରକ୍ଷା ପ୍ରଦାନ କରୁଛି । ପ୍ରତ୍ୟୁତ୍ତରରେ ଆପଣ ସ.ଅ ଦୁଆ (ଆଶୀର୍ବାଦ କରି) ଦେଇ କହିଲେ, ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ ସୁରକ୍ଷା ଦେଉଥିବା ବ୍ୟକ୍ତିଙ୍କୁ ସୁରକ୍ଷା ପ୍ରଦାନ କରେ ତେବେ ଅଲ୍ଲାଃତାଲା ସେହି ବ୍ୟକ୍ତି ଉପରେ ନିଜର ଦୟାବତୀର୍ଣ୍ଣ କରନ୍ତି । ଲୋକମାନଙ୍କ ମଧ୍ୟରୁ କିମ୍ବା ଜୀବମାନଙ୍କ ମଧ୍ୟରୁ ତୁମେମାନେ ଯେଉଁ ଜୀବ ଓ ଲୋକର ପ୍ରାଣ ରକ୍ଷା କରିଛ ସେହି ଜୀବ ଓ ଲୋକମାନଙ୍କ ପ୍ରାଣ ବଦଳରେ ତୁମମାନଙ୍କୁ ଗୋଟିଏ ଗୋଟିଏ ଲେଖାଏଁ କିରାତ୍ (ପର୍ବତ)ପରି ପୁଣ୍ୟାତ୍ମକ ପ୍ରତିଫଳ ପ୍ରାପ୍ତ ହେବ ।"**(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଗ୍ରନ୍ଥଖଣ୍ଡ-5, ପୃ-453, ଜିକ୍ରୁ ମନିସ୍ତାଆଲା ସ.ଅ ଅଲଲ୍ ହର୍ସି ବିତୁବୁକି, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1993 ମସିହା) (ଔଜାନେ ଶରିୟାହ୍, ଲେଖକ-ମୁଫତି ମୁହମ୍ମଦ୍ ଶଫି ସାହେବ, ପୃ-40, ଇଦାରତୁଲ୍ ମାଆରିଫି, କରାଚୀ ଏବଂ ଇଣ୍ଟରନେଟ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ତୁବୁକ୍ ଯୁଦ୍ଧର ଯାତ୍ରା ସମୟରେ ଲୋକମାନଙ୍କର ଏହି ଅବସ୍ଥା ଥିଲା କି ପ୍ରତ୍ୟେକ ଥର ଶିବିର ପକାଇବା ସମୟରେ କିଛି ଲୋକ ପଛରେ ରହି ଯାଉଥିଲେ । ସାହାବା ର.ଅ ରସୁଲୁଲ୍ଲାଃ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆଜି ଅମକ ବ୍ୟକ୍ତି ପଛରେ ରହିଯାଇଛି। ତେବେ ଆପଣ ସ.ଅ କହୁଥିଲେ, ତୁମେ ତାକୁ ଛାଡ଼ିଦିଅ । ସେହି ବ୍ୟକ୍ତି ମଧ୍ୟରେ ଯଦି ସାମାନ୍ୟତମ ପୁଣ୍ୟ ଥିବ ତେବେ ଈଶ୍ୱର ସେହି ବ୍ୟକ୍ତିକୁ ତୁମ ସହିତ ସମ୍ମିଳିତ କରିଦେବେ ଏବଂ ଯଦି ଏହି ପୁଣ୍ୟ ବ୍ୟତୀତ ଅନ୍ୟ କୌଣସି କଥା ଥିବ ତେବେ ଅଲ୍ଲାଃତାଲା ସେହି ବ୍ୟକ୍ତି ଠାରୁ ତୁମମାନଙ୍କୁ ମୁକ୍ତି ପ୍ରଦାନ କରିବେ । ଇତି ମଧ୍ୟରେ କେହି ଜଣେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ସ.ଅ ! ହ. ଅବୁ ଜର୍ ଗଫ୍ଫାରୀ ର.ଅ ପଛରେ ରହି ଯାଇଛନ୍ତି ଏବଂ ତାଙ୍କର ଓଟ ଥକି ମନ୍ଥର ହୋଇଯାଇଛି । ଆପଣ ସ.ଅ କହିଲେ, ହେଉ ତାକୁ ଛାଡ଼ିଦିଅ । ସେହି ବ୍ୟକ୍ତି ମଧ୍ୟରେ ଯଦି ସାମାନ୍ୟତମ ପୁଣ୍ୟ ଥିବ ତେବେ ଈଶ୍ୱର ସେହି ବ୍ୟକ୍ତିକୁ ତୁମ ସହିତ ସମ୍ମିଳିତ କରିଦେବେ ଆଉ ଯଦି ଏହି ପୁଣ୍ୟ ବ୍ୟତୀତ ଅନ୍ୟ କୌଣସି କଥା ଥିବ ତେବେ ଅଲ୍ଲାଃତାଲା ସେହି ବ୍ୟକ୍ତି ଠାରୁ ତୁମମାନଙ୍କୁ ମୁକ୍ତି ପ୍ରଦାନ କରିବେ । ଅବୁ ଜର୍ ର.ଅଙ୍କର ଏହି ଅବସ୍ଥା ଥିଲା କି ତାଙ୍କର ଓଟ ତାଙ୍କୁ ବହୁତ ହଇରାଣ କରିଥିଲା । ଫଳତଃ ତାଙ୍କର ଓଟ ମନ୍ଥର ହୋଇଯାଇଥିଲା । ଅତଏବ୍ ହ. ଅବୁ ଜର୍ ର.ଅଙ୍କ ଓଟ ଯେତେବେଳେ ମନ୍ଥର ଓ ଥକି ସଂପୂର୍ଣ୍ଣ ରୂପେ ଦୁର୍ବଳ ହୋଇଗଲା ସେତେବେଳେ ସେ ସେହି ଓଟ ଉପରୁ ଓହ୍ଲାଇଗଲେ ଏବଂ ନିଜର ଜିନିଷ ପତ୍ର ନିଜ ପିଠି ଉପରେ ବହନ କଲେ (ଉଠାଇ ନେଲେ) ଓ ଆଁହଜରତ ସ.ଅଙ୍କ ପଛେ ପଛେ ପାଦରେ ଚାଲି ଚାଲି ବାହାରି ପଡ଼ିଲେ। ଆପଣ ର.ଅ କିଛି ଦୂର ବାଟ ଯିବା ପରେ ଏକ ସ୍ଥାନରେ ଶିବିର ଯେତେବେଳେ ପକାଇଲେ ସେତେବେଳେ ମୁସଲମାନମାନଙ୍କ ମଧ୍ୟରୁ ଜଣେ ଦେଖାଣାହାରୀ ବ୍ୟକ୍ତି ଅର୍ଥାତ୍ ଦର୍ଶକ ଦେଖିଲା ଏବଂ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମାର୍ଗରେ କେହି ଜଣେ ବ୍ୟକ୍ତି ଏକୁଟିଆ ଚାଲି ଆସୁଛି ? ଆପଣ ସ.ଅ କହିଲେ, كُنْ أَبَا ذَرٍّ ଅର୍ଥାତ୍ ସେହି ବ୍ୟକ୍ତି ଅବୁ ଜର୍ ହୁଅନ୍ତେ କି ! ପୁନଶ୍ଚ ଲୋକମାନେ ଯେତେବେଳେ ତାଙ୍କୁ ଧ୍ୟାନପୂର୍ବକ ଦେଖିନେଲେ ସେତେବେଳେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେ ଈଶ୍ୱରଙ୍କ ଶପଥ କରି କହୁଛୁ ! ଏ ତ' ଅବୁ ଜର୍ ହିଁ ଅଟନ୍ତି । ଆପଣ ସ.ଅ କହିଲେ, "ଅଲ୍ଲାଃତାଲା ଅବୁ ଜର୍ ଉପରେ ଦୟାବତୀର୍ଣ୍ଣ କର । ସେ ଏକୁଟିଆ ଚାଲି ଆସୁଛନ୍ତି । ସେ ଏକୁଟିଆ ହିଁ ମୃତ୍ୟୁବରଣ କରିବେ ଏବଂ ଏକୁଟିଆ ହିଁ ସେ ଈଶ୍ୱରଙ୍କ ଆଡ଼କୁ ଯିବେ ।" **(ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିଶ୍ଶାମ୍, ପୃ-819-820,**

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 2001 ମସିହା)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ରସୁଲୁଲ୍ଲାଃ ସ.ଅ ହ. ଅବୁ ଜର୍ ର.ଅଙ୍କ ଏକୁଟିଆ ହେବା ସଂପର୍କରେ ଯେଉଁ କଥା କହିଥିଲେ ତାହା ହ. ଉସ୍‌ମାନ୍ ର.ଅଙ୍କ ଖିଲାଫତ୍ କାଳରେ ଅକ୍ଷରେ ଅକ୍ଷରେ ପୂର୍ଣ୍ଣ ହେଲା । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେତେବେଳେ ଅବୁ ଜର୍ ର.ଅ ନିଜର ପରିବାର ସମେତ ମଦିନାର ରବ୍‌ଜା ନାମକ ସ୍ଥାନରେ ଅବସ୍ଥାନ କଲେ । ତାଙ୍କ ସହିତ ତାଙ୍କର ପତ୍ନି, ସନ୍ତାନ ଓ ଏକ ଦାସ ମଧ୍ୟ ଥିଲା । ରବ୍‌ଜା ମଦିନା ଠାରୁ ତିନି ମାଇଲ୍ ଦୂରତାରେ ଅର୍ଥାତ୍ ପ୍ରାୟ ୨୬ ମାଇଲ୍ ଦୂରତାରେ ଅବସ୍ଥିତ ଏକ ସ୍ଥାନର ନାମ ଅଟେ । ସେତେବେଳେ ସେଠାରେ ଅନ୍ୟ କୌଣସି ବସ୍ତି ଇତ୍ୟାଦି ନଥିଲା । ଯେତେବେଳେ ତାଙ୍କର ଅନ୍ତିମ ସମୟ ଅର୍ଥାତ୍ ବିୟୋଗ ସମୟ ପାଖେଇ ଆସିଲା ସେତେବେଳେ ତାଙ୍କର ପତ୍ନି ଏକୁଟିଆ ହୋଇଯିବା ଯୋଗୁଁ ବହୁତ ଚିନ୍ତିତ ତଥା ବ୍ୟସ୍ତ ହେଲେ ଏବଂ ସେତେବେଳେ କଫନ୍ ମଧ୍ୟ ନଥିଲା । ଫଳତଃ ସେ କାନ୍ଦିବାକୁ ଲାଗିଲେ । ଅତଏବ୍ ହ. ଅବୁ ଜର୍ ର.ଅ ତାଙ୍କୁ କହିଲେ, ଯେ, ହେ ପତ୍ନୀ ତୁମେ କାନ୍ଦ ନାହିଁ । ଏତଦ୍‌ପରେ ହ. ଅବୁ ଜର୍ ର.ଅ କହିଲେ, ହେ ପତ୍ନୀ ! ମୁଁ ଆଁହଜରତ ସ.ଅଙ୍କ ଠାରୁ ଏକଥା ଶୁଣିଥିଲି । ଆଁହଜରତ ସ.ଅ କହିଥିଲେ ଯେ, ହେ ସାହାବାମାନେ ! ତୁମମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ମରୁଭୂମିରେ ମୃତ୍ୟୁବରଣ କରିବ । ସେହି ବ୍ୟକ୍ତିର ନମାଜ୍ ଯନାଜାଃରେ ବିଶ୍ୱାସକାରୀଙ୍କର ଏକ ଦଳ ଜମାଅତ୍‌ରେ ସାମିଲ୍ ହେବ ଏବଂ ତତ୍‌ସହିତ ଅବୁ ଜର୍ ନିଜର ପତ୍ନିଙ୍କୁ କହିଲେ, ହେ ମୋର ପତ୍ନି ! ନବୀ କରୀମ୍ ସ.ଅ ଯେତେବେଳେ ଉକ୍ତ କଥା କହିଥିଲେ ସେତେବେଳେ ସେଠାରେ ଯେତେ ଲୋକମାନେ ଉପସ୍ଥିତ ଥିଲେ ସମସ୍ତେ ମୃତ୍ୟୁବରଣ କରି ସାରିଛନ୍ତି ଏବଂ କେହି ବି ବଣ ଏବଂ ମରୁଭୂମିରେ ଏକୁଟିଆ ମୃତ୍ୟୁବରଣ କରି ନାହାଁନ୍ତି । କେବଳ ମୁଁ ହିଁ ସେହି ବ୍ୟକ୍ତି ଅଟେ ଯିଏ ଜୀବିତ ଅଛି । ତେଣୁ ତୁମେମାନେ ଆଦୌ ଚିନ୍ତିତ ଓ ବିବ୍ରତ ହୁଅ ନାହିଁ । ମୁଁ ଯେତେବେଳେ ମୃତ୍ୟୁବରଣ କରିବି ସେତେବେଳେ ତୁମେ ମୋର ପାର୍ଥିବ ଶରୀରକୁ ସ୍ନାନ କରାଇ ମୋର ମୃତ ଶରୀରକୁ ମଦିନା ମାର୍ଗରେ ରଖିଦେବ । ସୁତରାଂ ଅବୁ ଜର୍ ର.ଅଙ୍କ ପତ୍ନି ଏହିପିରି ହିଁ କଲେ । ବର୍ତ୍ତମାନ କିଛି ସମୟ ବିତି ନଥିଲା କି ସେହି ମାର୍ଗ ଦେଇ ହ. ଅବ୍‌ଦୁଲ୍ଲାଃ ଇବ୍‌ନେ ମସ୍‌ଉଦ୍ ର.ଅ ନିଜର ସାଥିମାନଙ୍କ ସହିତ ଅତିକ୍ରମ କଲେ । ସେ ଇରାକରୁ ଉମ୍ରାହ୍ କରିବା ଉଦ୍ଦେଶ୍ୟ ନେଇ ବାହାରିଥିଲେ । ତାଙ୍କୁ ଯେତେବେଳେ ଜ୍ଞାତ ହେଲା ଯେ, ସେହି ପାର୍ଥିବ ଶରୀରଟି ହ. ଅବୁ ଜର୍ ର.ଅଙ୍କର ଅଟେ, ତେବେ ତାଙ୍କ ଚକ୍ଷୁ ଲୋତକାପ୍ଲୁତ ହୋଇଗଲା ଏବଂ କାନ୍ଦି କାନ୍ଦି ( ଅର୍ଥାତ୍ ହ. ଅବ୍‌ଦୁଲ୍ଲାଃ ଇବ୍‌ନେ ମସ୍‌ଉଦ୍ ର.ଅ) କହିଲେ, ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ସତ୍ୟ କହିଥିଲେ ଯେ, ଅବୁ ଜର୍ ଏକୁଟିଆ ଚାଲୁଛି ଏବଂ ସେ ଏକୁଟିଆ ହିଁ ମୃତ୍ୟୁବରଣ କରିବେ । ସୁତାରଂ ହ. ଅବ୍‌ଦୁଲ୍ଲାଃ ଇବ୍‌ନେ ମସ୍‌ଉଦ୍ ର.ଅ ନିଜର ସାଥିମାନଙ୍କ ସମେତ ହ. ଅବୁ ଜର୍ ର.ଅଙ୍କର ଯନାଜାଃ ପାଠ କଲେ ଏବଂ ସେହିଠାରେ ହିଁ ତାଙ୍କୁ କବର ଦେଲେ । ପୁନଶ୍ଚ ହ. ଅବ୍‌ଦୁଲ୍ଲାଃ ଇବ୍‌ନେ ମସ୍‌ଉଦ୍ ନିଜର ସାଥିମାନଙ୍କୁ ତୁବୁକ୍ ଯୁଦ୍ଧ ସନ୍ଦର୍ଭରେ ହ. ଅବୁ ଜର୍ ର.ଅଙ୍କ ସଂକ୍ରାନ୍ତରେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲେ ଯେ, କିପରି ରସୁଲୁଲ୍ଲାଃ ସ.ଅଙ୍କ କଥା ଅକ୍ଷରେ ଅକ୍ଷରେ ପୂର୍ଣ୍ଣ ହେଲା । **(ମୁସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-7, ପୃ-170, ବର୍ଣ୍ଣନା ସଂଖ୍ୟା-21700, 21701, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍) (ଅସ୍ ସିରତୁର୍ ହଲବିୟା, ଗ୍ରନ୍ଥଖଣ୍ଡ-3, ପୃ-190-191, ତୁବୁକ୍ ଯୁଦ୍ଧ, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 2002 ମସିହା) (ଅନ୍‌ସାବୁଲ୍ ଅଶ୍ରାଫ୍, ଲିଲ୍‌ବଲାଜିରି, ଗ୍ରନ୍ଥଖଣ୍ଡ-9, ପୃ-443, ଦାରୁଲ୍ ଫିକର୍-1996 ମସିହା) (ଅଲ୍ ଲୁଉଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-9 ପୃ-483-484, ଦାରୁସ୍ ସଲାମ୍)(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଗ୍ରନ୍ଥଖଣ୍ଡ-9, ପୃ-487-488, ବଜ୍‌ମେ ଇକ୍‌ବାଲ୍ ଲାହୋର୍) (ଜୀବନୀ ଶବ୍ଦକୋଷ, ପୃ-130, 226, ଜୱାର୍ ଏକାଡ଼େମୀ ପବ୍ଲିକେଶନସ୍ କରାଚୀ, 2003 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ୱାସିଲାହ୍ ବିନ୍ ଅସ୍କାଅ ର.ଅଙ୍କ ସୈନ୍ୟବାହିନୀ ସହିତ ମିଶିବାର ଘଟଣା ମଧ୍ୟ ରହିଛି । ହ. ୱାସିଲା ବିନ୍ ଅସ୍କାଅ ତୁବୁକ୍ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହେବା ନିମନ୍ତେ ଘୋଷଣା କଲେ । **(ଉସ୍‌ଦୁଲ୍ ଗାବା, ଗ୍ରନ୍ଥଖଣ୍ଡ-5, ପୃ-399, ତୁବୁକ୍ ଯୁଦ୍ଧ, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2003 ମସିହା) (ଅଲ୍ ଲୁଉଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-9 ପୃ-532, ଦାରୁସ୍ ସଲାମ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ୱାସିଲାହ୍ ବିନ୍ ଅସ୍କାଅ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ତୁବୁକ୍ ଯୁଦ୍ଧ ଅବସରରେ ଘୋଷଣା କରାଇଲେ । ମୁଁ ନିଜ ଘରକୁ ଗଲି ଏବଂ ସେଠାରୁ ଯେତେବେଳେ ଫେରିଲି ସେତେବେଳେ ଆପଣ ସ.ଅଙ୍କ ସାହାବାମାନେ ପୂର୍ବରୁ ହିଁ ବାହାରି ସାରିଥିଲେ । ମୁଁ ସହରରେ ଘୋଷଣା କରିବାକୁ ଲାଗିଲି ଯେ, କ'ଣ ଏପରି କେହି ବ୍ୟକ୍ତି ଅଛି କି ଯିଏ ନିଜ ସହିତ ଜଣେ ବ୍ୟକ୍ତିକୁ ଆରୋହଣ କରାଇପାରିବ ଓ ମାଲେ ଗନିମତ୍‌ରେ ଯେଉଁ ଭାଗ ପ୍ରାପ୍ତ ହେବ ତାହାକୁ ସେ ଗ୍ରହଣ କରିନେବ ? ଜଣେ ବୃଦ୍ଧ ଅନ୍‌ସାରୀ ବ୍ୟକ୍ତି ଜଣକ କହିଲା, ଆଚ୍ଛା ତାହାହେଲେ ମୁଁ ସେହି ଗନିମତ୍‌ରୁ ଭାଗ ନେଇନବ ଓ ସେହି ବ୍ୟକ୍ତିକୁ ମୁଁ ନିଜ ସହିତ ଆରୋହଣ କରିନେବି ତଥା ନିଜ ସହିତ ତାକୁ ଆହାର ଖୁଆଇବି । ମୁଁ କହିଲି, ହଁ ! ମୁଁ ଉକ୍ତ ସର୍ତ୍ତରେ ରାଜି ଅଟେ ଏବଂ କହିଲି କି ମୁଁ ହିଁ ହେଉଛି ସେହି ବ୍ୟକ୍ତି । ତେବେ ସେହି ବୃଦ୍ଧ ବ୍ୟକ୍ତି ଜଣକ କହିଲା, ଆଚ୍ଛା ତାହାହେଲେ ଅଲ୍ଲାଃତାଲାଙ୍କ କଲ୍ୟାଣର ବିଶ୍ୱାସ ରଖି ଚାଲ । ହ. ୱାସିଲା ର.ଅ କୁହନ୍ତି ଯେ, ମୁଁ ଭଲ ସାଥି ସହିତ ବାହାରିଲି ଏପର୍ଯ୍ୟନ୍ତିକି ଅଲ୍ଲାଃତାଲା ଆମମାନଙ୍କୁ ମାଲେ ଗନିମତ୍ ପ୍ରଦାନ କଲେ । ସେହି ବ୍ୟକ୍ତି ବାହାରିଲା ଏବଂ ନିଜ ଓଟର ପଛ ପଟରେ ବସିଲା । ପୁନଶ୍ଚ କହିଲେ, "ତାଙ୍କୁ ମୋ ଆଡ଼କୁ ପିଠି କରି ଚଲାଅ । ପୁନଶ୍ଚ କହିଲା, ମୋ ଆଡ଼କୁ ତାଙ୍କର ମୁହଁ କରି ଚଲାଅ। ଏତଦ୍‌ପରେ କହିଲେ, ମୋ ନିକଟରେ ତୁମ୍ଭର ଓଟ ଅତ୍ୟନ୍ତ ଉତ୍କୃଷ୍ଟ ଅଟେ ।" ମୁଁ କହିଲି:"ଏଇଟା ତ' ତୁମର ଧନ ଅଟେ, ଯେଉଁ ଧନକୁ ମୁଁ ସର୍ତ୍ତ କରିଥିଲି । ସେ କହିଲା, ହେ ମୋ ପୁତୁରା ! ଏଇଟା ତୁମ ଭାଗ ଅଟେ । ତେଣୁ ତୁମେ ଏହାକୁ ରଖ । ମୋର ଅଭିପ୍ରାୟ ନେବାର ନଥିଲା ।"**(ସୁନନ୍ ଅବି ଦାଉଦ୍, କିତାବୁଲ୍ ଜିହାଦ୍, ବାବ୍-ଫିର୍ ରଜୁଲ୍ ୟକ୍ରା ଦାବ୍‌ବତୁ ଅଲନ୍ ନିସଫି......ହଦିସ୍ ନଂ-2676)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଏହି ବାହାନାରେ ସେ ଯୁଦ୍ଧରେ ସାମିଲେ ହୋଇଗଲେ । ସେହିପରି ଅବୁ ଖୈସ୍‌ମା ର.ଅଙ୍କ ସୈନ୍ୟବାହିନୀ ସହିତ ସମ୍ମିଳିତର ହେବାର ଘଟଣା ମଧ୍ୟ ହଦିସ୍‌ରେ ବର୍ଣ୍ଣିତ ହୋଇଛି । ରସୁଲୁଲ୍ଲାଃ ସ.ଅଙ୍କ ଯାତ୍ରୀସମୂହଙ୍କ ମଧ୍ୟରୁ ପଛରେ ରହିଯାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ହ. ଅବୁ ଖୈସ୍‌ମା ନାମକ ଜଣେ ସାହାବି ମଧ୍ୟ ଥିଲେ । ଏପରି ପ୍ରତିତ ହେଉଛି ହ. ଅବୁ ଖୈସମା ର.ଅ ସେହି ଦିନମାନଙ୍କରେ ମଦିନାରେ ନଥିଲେ । ରସୁଲୁଲ୍ଲାଃ ସ.ଅଙ୍କ ତୁବୁକ୍ ଯୁଦ୍ଧରେ ବାହାରିବାର କିଛି ଦିନ ପରେ ହ. ଅବୁ ଖୈସମା ର.ଅ ମଦିନାରେ ନିଜ ବାସ ଭବନରେ ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ପହଞ୍ଚିଲେ । ସେ ଦେଖିଲେ ଯେ, ତାଙ୍କର ଦୁଇ ପତ୍ନି ଉଦ୍ୟାନରେ ନିଜ ନିଜ ଚାଳ ଉପରେ ଜଳ ସିଞ୍ଚନ କରିଥିଲେ ଏବଂ ତାଙ୍କ ନିମନ୍ତେ ଜଳ ଥଣ୍ଡା କରିଥିଲେ ଓ ତାଙ୍କ ନିମନ୍ତେ ଆହାର ପ୍ରସ୍ତୁତ କରିଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଦିନେ ହ. ଅବୁ ଖୈସ୍‌ମା ର.ଅ ଚାଳ ଘରର ଦୁଆର ସମ୍ମୁଖରେ ଛିଡ଼ା ହେଲେ ଏବଂ ତାଙ୍କର ପତ୍ନିମାନେ ତାଙ୍କ ପାଇଁ ଯେଉଁ ବ୍ୟବସ୍ଥା କରିଥିଲେ ସେହି ବ୍ୟବସ୍ଥାକୁ ହ. ଅବୁ ଖୈସମା ର.ଅ ଯେତେବେଳେ ଦେଖିଲେ ସେତେବେଳେ ସେ କହିଲେ, ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ତ' ପ୍ରଚଣ୍ଡ ଗ୍ରୀଷ୍ମ, ଭୀଷଣ ଲୁ ପ୍ରବାହରେ ଯାତ୍ରା କରୁଛନ୍ତି ଆଉ ଅବୁ ଖୈସ୍‌ମା ଛାୟୀ ତଳେ ଉତ୍ତମ ଆହାର ଓ ସୁନ୍ଦର ପତ୍ନି, ଧନ ଏବଂ ପାଳିତ ଜୀବମାନଙ୍କ ମଧ୍ୟରେ ଅବସ୍ଥାନ କରିଛି । ଏହା କଦାପି ନ୍ୟାୟ ନୁହେଁ । ପୁନଶ୍ଚ ସେ କହିଲେ, ମୁଁ ଅଲ୍ଲାଃତାଲାଙ୍କ ରାଣ ଖାଇ କହୁଛି! ଯେପର୍ଯ୍ୟନ୍ତ ମୁଁ ଆଁହଜରତ ସ.ଅଙ୍କ ପର୍ଯ୍ୟନ୍ତ ପହଞ୍ଚି ଯାଇ ନାହିଁ ସେପର୍ଯ୍ୟନ୍ତ ମୁଁ ତୁମମାନଙ୍କ ମଧ୍ୟରୁ କାହାରି ପାଖକୁ ଯିବି ନାହିଁ (ଫେରିବି ନାହିଁ) । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସୁତରାଂ ହ. ଅବୁ ଖୈସ୍‌ମା କହିଲେ, ହେ ମୋର ପତ୍ନିମାନେ ତୁମେମାନେ ମୋର ଯାତ୍ରାର ପାଥେୟ ପ୍ରସ୍ତୁତ କର । ସୁତରାଂ ସେମାନେ ଏହିପରି ହିଁ କଲେ । ଅର୍ଥାତ୍ ଯାତ୍ରା ନିମନ୍ତେ ପାଥେୟ ପ୍ରସ୍ତୁତ କଲେ । ପୁନଶ୍ଚ ଅବୁ ଖୈସ୍‌ମା ର.ଅ ଓଟ ଉପରେ ଆରୋହଣ ହେଲେ ଓ ରସୁଲୁଲ୍ଲାଃ ସ.ଅଙ୍କ ପଛେ ପଛେ ବାହାରି ପଡ଼ିଲେ। ଦିନେ ଦ୍ୱିପ୍ରହରର ପ୍ରଚଣ୍ଡ ଗ୍ରୀଷ୍ମ ଏବଂ ଲୁ ସମୟରେ ଆଁହଜରତ ସ.ଅଙ୍କୁ ଜଣେ ବାହନ ଉପରେ ଆରୋହଣ ହୋଇଥିବା ବ୍ୟକ୍ତି ଆସୁଥିବାର ଦୃଶ୍ୟମାନ ହେଲା । ଇବ୍‌ନେ ହିସ୍ସାମ୍‌ଙ୍କ ବର୍ଣ୍ଣନାନୁଯାୟୀ ଆଁହଜରତ ସ.ଅ ତୁବୁକ୍ ଠାରେ ପହଞ୍ଚି ସାରିଥିଲେ । ଆପଣ ସ.ଅ କହିଲେ, كُنْ أَبَا خَيْثَمَةَ ସେହି ବ୍ୟକ୍ତି ଅବୁ ଖୈସ୍‌ମା ହୁଅନ୍ତା କି ! ଯେତେବେଳେ ହ. ଅବୁ ଖୈସ୍‌ମା ପାଖକୁ ଆସିଲେ ସେତେବେଳେ ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେ ଈଶ୍ୱରଙ୍କ ଶପଥ କରି କହୁଛୁ ! କି ସେହି ବ୍ୟକ୍ତି ଅବୁ ଖୈସ୍‌ମା ଅନ୍‌ସାରୀ ହିଁ ଅଟନ୍ତି । ସୁତରାଂ ହ. ଅବୁ ଖୈସ୍‌ମା ର.ଅ ନିଜର ଓଟକୁ ଛାୟାରେ ବସାଇ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ସଲାମ୍ (ନମସ୍କାର) ଜଣାଇଲେ । ରସୁଲୁଲ୍ଲାଃ ସ.ଅ ତାଙ୍କୁ ପଚାରିଲେ ଯେ, ହେ ଅବୁ ଖୈସ୍‌ମା ତୁମେ କାହିଁକି ଏତେ ପଛରେ ରହିଗଲ ? ତେବେ ସେ ଆଁହଜରତ ସ.ଅଙ୍କୁ ସମସ୍ତ


**ଅଲ୍ଲାଃତାଲାଙ୍କ ବାଣୀ**

ଅଲ୍ଲାଃତାଲା କୁହନ୍ତି: وَمَا خَلَقْتُ الْجِنَّ وَالْإِنسَ إِلَّا لِيَعْبُدُونِ

(ଅଜ୍ ଜାରିୟାତ୍: 57)

ଅନୁବାଦ: ଏବଂ ଆମ୍ଭେ ଜିନ୍ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।

ତାଲିବେ ଦୁଆ: Akhtara Begum & Family,
B.D.A, Bhubaneshwar (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

ଅଲ୍ଲାଃତାଲା କୁହନ୍ତି: وَذَكِّرْ فَإِنَّ الذِّكْرَىٰ تَنفَعُ الْمُؤْمِنِينَ

(ଅଜ୍ ଜାରିୟାତ୍: 56)

ଅନୁବାଦ:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar & Jamila Sahiba, Jamat Ahmadiya Kotpalla (Odisha)

କଥା କହିଲେ । ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ ତାଙ୍କ ନିମନ୍ତେ ମଙ୍ଗଳ କାମନା ଓ ଦୁଆ କଲେ । **(ଅସ୍‌ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିଶ୍ଶାମ୍, ପୃ-817-818, ଗଜୱା ତୁବୁକ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 2001 ମସିହା)(ଉସ୍‌ଦୁଲ୍ ଗାବା, ଗ୍ରନ୍ଥଖଣ୍ଡ-6, ପୃ-89, ଅବୁ ଖୈସମା ଅନ୍‌ସାରୀ ର.ଅ, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1971 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣା ସଂପର୍କରେ ଚର୍ଚ୍ଚା କରି ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଇତିହାସରେ ବର୍ଣ୍ଣିତ ହୋଇଛି ଯେ, ଯେତେବେଳେ ଆଁହଜରତ ସ.ଅ ତୁବୁକ୍ ଯୁଦ୍ଧରେ ବାହାରିଲେ ସେତେବେଳେ କେତେକ ସାହାବାମାନେ ପଛରେ ରହିଗଲେ । ସେମାନଙ୍କ ମଧ୍ୟରୁ ହ. ଅବୁ ଖୈସମା ର.ଅ ନାମକ ଜଣେ ସାହାବି ଥିଲେ। ସେ ବହୁତ ପୁଣ୍ୟବାନ ଓ ସଦାଚାରୀ ବ୍ୟକ୍ତି ଥିଲେ । ତାଙ୍କର ଉଦ୍ଦେଶ୍ୟ ପଛରେ ରହିଯିବା ନଥିଲା । କିନ୍ତୁ ଯୁଦ୍ଧକୁ ଯିବା ନିମନ୍ତେ ଯେତେବେଳେ ଆଦେଶ ହେଲା ସେତେବେଳେ ଆପଣ ନିଜ ଘରେ ଉପସ୍ଥିତ ନଥିଲେ । ଯେତେବେଳେ ସେ ନିଜ ଘରକୁ ଫେରିଲେ ସେତେବେଳେ ସେ ଦେଖିଲେ ଯେ, ତାଙ୍କର ପତ୍ନି ତାଙ୍କ ଫେରିବା ମର୍ଗକୁ ଅପେକ୍ଷା କରି ବସିଛନ୍ତି ଏବଂ କିଛି କଥା କହିବା ପାଇଁ ସେ ଇଚ୍ଛୁକ ଅଟନ୍ତି । ହ. ଅବୁ ଖୈସ୍‌ମା ପତ୍ନିଙ୍କର ଏହି ଇଚ୍ଛାକୁ ଅଣଦେଖା କରି ପତ୍ନିକୁ ପଚାରିଲେ ଯେ, ହେ ମୋର ପତ୍ନି ! କ'ଣ ଆଁହଜରତ ସ.ଅ ବାହାରକୁ ପ୍ରସ୍ଥାନ କରିଛନ୍ତି କି ? ପତ୍ନି ତାଙ୍କୁ ଉତ୍ତର ଦେଲା ଯେ, ହେ ସ୍ୱାମୀ ! ଆଗ ଆପଣ ଟିକେ ବସନ୍ତୁ । ହ. ଅବୁ ଖୈସମା ର.ଅ ଉତ୍ତର ଦେଲେ ଯେ, ଈଶ୍ୱରଙ୍କ ବାର୍ତ୍ତାବହତ ତ' ଯୁଦ୍ଧ ନିମନ୍ତେ ବାହାରି ସାରିଲେଣି ଆଉ ମୁଁ ଘରେ ବସି ବିଶ୍ରାମ କରିବି ? ଅବୁ ଖୈସ୍‌ମା ଠାରୁ ଏପରି ଆଚରଣ କଦାପି ସମ୍ପାଦନ ହୋଇପାରିବ ନାହିଁ । ଅବୁ ଖୈସ୍‌ମା ସେହି ମୁହୂର୍ତ୍ତରେ ନିଜର ଅଶ୍ୱ ପ୍ରସ୍ତୁତ କଲେ ଓ ଅଶ୍ୱ ଉପରେ ଆରୋହଣ ହୋଇ ମାର୍ଗରେ ଅଗ୍ରସର ହେଲେ ।" ହ. ମୁସ୍‌ଲେହ୍ ମଉଦ୍ ର.ଅ ଏଠାରେ ଅଶ୍ୱର ଚର୍ଚ୍ଚା କରିଛନ୍ତି । ପ୍ରଥମ ବର୍ଣ୍ଣନାମାନଙ୍କରେ କେତେକ ସ୍ଥାନରେ ଓଟର ଚର୍ଚ୍ଚା ରହିଛି କିମ୍ବା ଭୁଲ୍ ବଶତଃ ଅଶ୍ୱ (ଘୋଡ଼ା)ର ଚର୍ଚ୍ଚା ରହିଛି । ସେ ଯାହା ହେଉ ସମ୍ଭବତଃ ଉଭୟ ବର୍ଣ୍ଣନା ଦେଖିବାକୁ ମିଳେ । ସେ ଯାହା ହେଉ ଏକ ବାହନ ଥିଲା ଯାହା ଉପରେ ହ. ଅବୁ ଖୈସ୍‌ମା ର.ଅ ଆରୋହଣ ବାହାରିଗଲେ । ଆପଣ ର.ଅ ସେହି ମାର୍ଗରେ ଅଗ୍ରସର ହେଲେ ଯେଉଁ ମାର୍ଗରେ ଆଁହଜରତ୍ ସ.ଅ ଅଗ୍ରସର ହୋଇଥିଲେ । ପରିଶେଷରେ ନିରନ୍ତର ଯାତ୍ରା କରିବା ଅନେକ ଦୂରତା ଏବଂ ସ୍ଥାନ ଅତିକ୍ରମ କରି ସାରିବା ପରେ ହ. ଅବୁ ଖୈସ୍‌ମା ର.ଅ ଆଁହଜରତ୍ ସ.ଅଙ୍କ ସହିତ ସାମିଲ୍ ହୋଇଗଲେ । ଯେତେବେଳେ ଆପଣ ସୈନ୍ୟବାହିନୀ ନିକଟବର୍ତ୍ତୀ ହେଲେ ସେତେବେଳେ କେତେକ ସାହାବାମାନେ ଦୂରରୁ ଧୂଳି ଉଡୁଥିବାର ଦେଖିଲେ ଏବଂ ଏହା ଭାବି ଦଉଡ଼ିବାକୁ ଲାଗିଲେ ଯେ, କିଏ ଆସୁଛି ? ସେତେବେଳେ ଆଁହଜରତ ସ.ଅ କହିଲେ, كُنْ اَبَا خَيْثَمَة ଅର୍ଥାତ୍ ଅବୁ ଖୈସମା ହୁଅନ୍ତୁ । ଉକ୍ତ ପଦର ଅର୍ଥ ଏହା ତ' ହୋଇପାରିବ ନାହିଁ ଯେ, ଆଗନ୍ତୁକ ବ୍ୟକ୍ତି କେହି ବି ହେଉ ଅବୁ ଖୈସ୍‌ମା ହୋଇଯିବ । ନା । ବରଂ ଏହାର ଅର୍ଥ ଏହା ହିଁ ଯେ, ମୋର ଏହି ଇଚ୍ଛା କି ଆଗନ୍ତୁକ ବ୍ୟକ୍ତି ଅବୁ ଖୈସ୍‌ମା ହୁଅନ୍ତୁ । **(ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-4, ପୃ-168-169, ପ୍ରକାଶନ ବର୍ଷ-2004 ମସିହା, କାଦିୟାନ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, କୁନ୍ ଶବ୍ଦର ସ୍ୱଷ୍ଟୀକାରଣ ପ୍ରଦାନ କରି ଆଉ ଏକ ସ୍ଥାନରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ଉଲ୍ଲେଖ କରିଛନ୍ତି ଯେ, ପ୍ରଥମ ପ୍ରାମାଣ୍ୟ ତଫ୍‌ସିର୍ କବିର୍‌ର ଥିଲା । ଏଠାରେ ମଧ୍ୟ ସେହି ପ୍ରାମାଣ୍ୟଟି ସେହି ତଫସିର୍‌ର ହିଁ ଅଟେ । ଅତଏବ୍ ହ. ମୁସ୍‌ଲେହ୍ ମଉଦ୍ ର.ଅ କୁନ୍ ଶବ୍ଦର ସ୍ୱଷ୍ଟୀକାରଣ ପ୍ରଦାନ କରି ଉଲ୍ଲେଖ କରନ୍ତି ଯେ, "ଏକଥା ମନେରଖ ! କୁନ୍ ଶବ୍ଦଟି ଆରବୀ ଭାଷାରେ କୌଣସି ବ୍ୟକ୍ତିକୁ କହିବାକୁ ବୁଝାଏ ଏବଂ କେବଳ ଇଚ୍ଛା ବ୍ୟକ୍ତ କରିବା ନିମନ୍ତେ ମଧ୍ୟ ଉକ୍ତ ଶବ୍ଦଟି ବେଳେବେଳେ ବ୍ୟବହୃତ ହୋଇଥାଏ । ସୁତରାଂ ରସୁଲ୍ କରୀମ୍ ସ.ଅ ଯେତେବେଳେ ସିରୀୟା ଅଭିମୁଖେ ସୈନ୍ୟବାହିନୀ ପ୍ରେରଣ କଲେ ସେତେବେଳେ ଅବୁ ଖୈସମା ର.ଅ ନାମକ ଜନୈକ (ଜଣେ) ସାହାବି ଥିଲେ । ସେହି ସାହାବିଙ୍କ ଉପରେ ଆଁହଜରତ ସ.ଅ ବହୁତ ଭରସା କରୁଥିଲେ ଓ ଆଁହଜରତ ସ.ଅ ତାଙ୍କୁ ବହୁତ ଭଲ ପାଉଥିଲେ । ଆଁହଜରତ୍ ସ.ଅ ଏହା ମନେକରୁଥିଲେ ଯେ, ନିଜର କର୍ତ୍ତବ୍ୟ ନିର୍ବାହ କରିବାରେ ଏହି ବ୍ୟକ୍ତି ଜଣକ କେବେ ବି ଅବଚେତନ (ଅବହେଳା ପ୍ରଦର୍ଶନ କରିବେ) ହୋଇପାରିବ ନାହିଁ । କିନ୍ତୁ ଯେତେବେଳେ ଆପଣ ସ.ଅ ସୈନ୍ୟବାହିନୀ ସହିତ ସହରର କିଛି ବ୍ୟବଧାନରେ ଯାଇ ପହଞ୍ଚିଲେ ସେତେବେଳେ ଆପଣ ସ.ଅ ନିଜର ସାହାବାମାନଙ୍କର ସମୀକ୍ଷା କଲେ ସେତେବେଳେ ଆପଣ ସ.ଅ ହ. ଅବୁ ଖୈସମା ର.ଅଙ୍କୁ ସୈନ୍ୟବାହିନୀରେ ଦେଖିବାକୁ ପାଇଲେ ନାହିଁ । ଫଳତଃ ଆପଣ ସ.ଅ ଦୁଃଖ ଓ ଖେଦୋକ୍ତି ପ୍ରକାଶ କଲେ ଯେ, ମୁଁ ଅବୁ ଖୈସ୍‌ମା ଉପରେ ଏତେ ଭରସା କରିଥିଲେ ଏବଂ ଅବୁ ଖୈସ୍‌ମାଙ୍କ ପ୍ରତି ଏତେ ସୁଧାରଣା ମନ ଭିତରେ ପୋଷଣ କରିଥିଲି ହେଲେ ସେ ଏହି ଜିହାଦ୍‌ରେ ପଛରେ ରହି ଯାଇଛନ୍ତି ! ଯେତେବେଳେ ଆପଣ ସ.ଅ ଆଗକୁ ଅଗ୍ରସର ହେଲେ ସେତେବେଳେ ଜଣେ ବ୍ୟକ୍ତି ଆଁହଜରତ ସ.ଅଙ୍କୁ କହିଲା, ହୁଜୁର ! କେହି ଜଣେ ପଛରୁ ଧାଇଁ ଆସୁଛି । ଆପଣ ସ.ଅ ସେହି ଆଡ଼କୁ ଦେଖିଲେ ଏବଂ କହିଲେ, كُنْ اَبَا خَيْثَمَة ଅର୍ଥାତ୍ ଅବୁ ଖୈସ୍‌ମା ହୁଅନ୍ତା କି । ଯେତେବେଳେ ଧୂଳି ଉଡ଼ିବା ଟିକେ କମ୍ ହେଲା ଓ ଯେତେବେଳେ ସେହି ବ୍ୟକ୍ତି ପାଖରେ ପହଞ୍ଚିଲା ସେତେବେଳେ ଲୋକମାନେ ଦେଖିଲେ ଯେ, ସେହି ବ୍ୟକ୍ତି ହ. ଅବୁ ଖୈସମା ର.ଅ ହିଁ ଥିଲେ । ଏହାପରେ ଆପଣ ସ.ଅ ଅଲ୍ଲାଃତାଲାଙ୍କ ପ୍ରଶଂସା କଲେ ଯେ, ଅଲ୍ଲାଃତାଲା ଏତେ ଶୀଘ୍ର ଆପଣ ସ.ଅଙ୍କର ମନସ୍କାମନାକୁ ପୂର୍ଣ୍ଣ କରିଦେଲେ । ବର୍ତ୍ତମାନ କୁନ୍ ଅବା ଖୈସ୍‌ମାର ଏହି ଅର୍ଥ ନଥିଲା ଯେ, ଅନ୍ୟ କେହି ଆସୁଥିଲା କିନ୍ତୁ ରସୁଲ୍ଲାଃ ସ.ଅ କହିଲେ, ସେହି ଆଗନ୍ତୁକ ବ୍ୟକ୍ତି ଅବୁ ଖୈସ୍‌ମା ହୋଇଯାଉ । ନା ବରଂ କୁନ୍ ଅବା ଖୈସ୍‌ମାର ଅର୍ଥ ଏହା ଥିଲା କି ଈଶ୍ୱର କରନ୍ତୁ କି ଆଗମନକାରୀ ବ୍ୟକ୍ତି ଅବୁ ଖୈସ୍‌ମା ହିଁ ହୁଅନ୍ତୁ । ଅତଏବ୍ ଆରବୀ ଭାଷାରେ ଏହା ଏକ ରୂଢି ଅଟେ । ଅର୍ଥାତ୍ ବେଳେବେଳେ ଇଚ୍ଛା ବ୍ୟକ୍ତି କରିବା ନିମନ୍ତେ ମଧ୍ୟ କୁନ୍ ଶବ୍ଦ ପ୍ରୟୋଗ କରାଯାଇଥାଏ ।" **(ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-5, ପୃ-250, ପ୍ରକାଶନ ବର୍ଷ-2004 ମସିହା, କାଦିୟାନ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ଯେଉଁ ଆୟତ୍‌ର ବ୍ୟଖ୍ୟା କରିଛନ୍ତି ସେହି ଆୟତ୍ ତ' ମୁଁ ପାଠ କରି ନାହିଁ । କିନ୍ତୁ ସେ ଯାହା ହେଉ ଏହି କୁନ୍ ଶବ୍ଦର ସ୍ୱଷ୍ଟୀକରଣ ମୁଁ କରିଦେଇଅଛି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ତୁବୁକ୍ ଯୁଦ୍ଧର ଅବଶିଷ୍ଟାଂଶ ମୁଁ **ଇନ୍‌ଶାଅଲ୍ଲାଃ** ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି। ହୁଜୁର ଅନ୍‌ୱର୍ ଅ.ବ କହିଲେ, ରବ୍‌ୱା ମସ୍‌ଜିଦରେ ଯେଉଁ ଅକ୍ରମଣ ହୋଇଛି ଏବଂ ଅକ୍ରମଣରେ ଯେଉଁ ଲୋକମାନେ ଆହତ ହୋଇଥିଲେ ସେମାନଙ୍କ ନିମନ୍ତେ ଆପଣମାନେ ଦୁଆ କରନ୍ତୁ । ଅଲ୍ଲାଃତାଲା ଆହତମାନଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟର ରଖନ୍ତୁ ଓ ସେମାନଙ୍କୁ ଯଥାଶୀଘ୍ର ଆରୋଗ୍ୟ ଲାଭ ପ୍ରଦାନ କରନ୍ତୁ । ପାକିସ୍ତାନରେ ବିରୋଧୀମାନଙ୍କର ପ୍ରତ୍ୟେକ ଯୋଜନାକୁ ଅଲ୍ଲାଃତାଲା ପଣ୍ଡ କରି ଦିଅନ୍ତୁ । ରବୱାରେ ଆଜି ଖତମେ ନବୁୱତ୍ ନାମରେ ଏକ ଜଲସା ମଧ୍ୟ ହେଉଛି ଏବଂ ମୌଲବୀମାନେ ଯେଉଁ କୁତ୍ସିତ, ବାଚ୍ୟ କଥନ କହିବାର ଥିଲା ତାହା ସେମାନେ କହୁଛନ୍ତି ଓ କହି ସାରିଛନ୍ତି। ବର୍ତ୍ତମାନେ ଏହା ଜଣା ନାହିଁ ଜ୍‌ଲସା ସମାପ୍ତ ହେଲା କି ନାହିଁ । ଅଲ୍ଲାଃତାଲା ସମସ୍ତ ଅହମଦିମାନଙ୍କୁ ବିରୋଧୀମାନଙ୍କର ଉପଦ୍ରବରୁ ସୁରକ୍ଷିତ ରଖନ୍ତୁ । **ଆମିନ୍** । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ବାଂଲାଦେଶର ଅହମଦିମାନଙ୍କ ନିମନ୍ତେ ମଧ୍ୟ ଦୁଆ କରନ୍ତୁ । ସେଠାରେ ମଧ୍ୟ ବିରୋଧୀମାନଙ୍କ ଅତ୍ୟନ୍ତ ମନ୍ଦ ଉଦ୍ଦେଶ୍ୟ ଜଣାପଡୁଛି ଅଲ୍ଲାଃତାଲା ସେଠାରେ ମଧ୍ୟ ପ୍ରତ୍ୟେକ ଅହମଦିକୁ ସୁରକ୍ଷିତ ରଖନ୍ତୁ । **ଆମିନ୍**। ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ପାଲେଷ୍ଟାଇନ୍‌ର ଅତ୍ୟାଚାରିତ ତଥା ନିଷ୍ପେଷିତ ଲୋକମାନଙ୍କ ନିମନ୍ତେ ଦୁଆ କରନ୍ତୁ । ଅଲ୍ଲାଃତାଲା ସେମାନଙ୍କ ଉପରେ ମଧ୍ୟ ଦୟାବତୀର୍ଣ୍ଣ କରନ୍ତୁ ଏବଂ ଅତ୍ୟାଚାରୀର ଅତ୍ୟାଚାରରୁ ସେମାନଙ୍କୁ ମୁକ୍ତି ପ୍ରଦାନ କରନ୍ତୁ । ଯୁଦ୍ଧ ବିରାମ ବୋଲି ଯେଉଁ କଥା କୁହାଯାଉଛି ତାହା କେବଳ ନାମକୁ ମାତ୍ର ପ୍ରହସନ ଅଟେ । ବିଗତ ଦିନମାନଙ୍କରେ ଯେଉଁ ଘଟଣା ଘଟିଛି ତହିଁରୁ ଏହା ସିଦ୍ଧ ହୁଏ ଯେ, ଏହା କେବଳ ନାମକୁ ମାତ୍ର ଯୁଦ୍ଧବିରାମ ଥିଲା । ଅଲ୍ଲାଃତାଲା ଅତ୍ୟାଚାରିତ, ନିଷ୍ପେଷିତମାନଙ୍କୁ ଅନ୍ୟାୟ ଏବଂ ଅତ୍ୟାଚାରରୁ ରକ୍ଷା କରନ୍ତୁ ଓ ଅତ୍ୟାଚାରୀକୁ ଯଥାଶୀଘ୍ର ଧରପକଡ଼ କରନ୍ତୁ । **ଆମିନ୍** । **(ଅଲ୍ ଫଜଲ୍ ଇଣ୍ଟରନ୍ୟାସ୍‌ନଲ୍, 2025 ମସିହା, ନଭେମ୍ବର ମାସ 21 ତାରିଖ, ପୃ- 2-7)** ☆--☆--☆

## ବେପରଦା ପ୍ରତି ବୃଦ୍ଧି ପାଉଥିବା କୁମାନସିକତା

ହ. ଖଲିଫତୁଲ୍ ମସିହ୍ ସାନି ର.ଅ କୁହନ୍ତି: "ଯେତେବେଳେ ବର କନ୍ୟା ଘରକୁ ଆସେ ଏବଂ ସେ ଅଣ ସଂପର୍କୀୟ ହିଁ ହୁଅନ୍ତୁ ନା କାହିଁକି, ସାହିର ସମସ୍ତ ମହିଳାମାନେ ବରକୁ ଦେଖି ପରଦା କରିବାକୁ ଜରୁରୀ ବୋଲି ମନେକରନ୍ତି ନାହିଁ । ସେମାନେ କୁହନ୍ତି, ହେଁ ବର ଠାରୁ କ'ଣ ବା ପରଦା କରିବୁ ଆମେ । ପୁନଶ୍ଚ କେବଳ ସେତିକି ନୁହେଁ ଅର୍ଥାତ୍ ସେମାନେ ବରକୁ ଦେଖି ପରଦା କରନ୍ତି ନାହିଁ ବରଂ ସେମାନେ ବର ସହିତ ଥଟ୍ଟା ମଜା ମଧ୍ୟ କରିଥାଆନ୍ତି । ଅତଏବ୍ ଏପରି ଅନେକ ପ୍ରକାରର କଥା ରହିଛି ଯେ, ବିବାହ ପର୍ବରେ ଧର୍ମବିଧାନର ବିରୁଦ୍ଧାଚାରଣ କରାଯାଇଥାଏ । ଲୋକମାନେ ଧର୍ମବିଧାନର ବିରୁଦ୍ଧାଚରଣ କରିଥାଆନ୍ତି । କିନ୍ତୁ ଏହା ଏପରି ଏକ ପ୍ରସଙ୍ଗ ଯେ, ଏଥି ସଂକ୍ରାନ୍ତରେ ଖୁବ୍ ସତର୍କତାର ସହିତ ଧର୍ମବିଧାନର ନିୟମାନୁବର୍ତ୍ତୀ ହେବା ଉଚିତ୍ ଓ ଆବଶ୍ୟକତା ଥିଲା ।"**(ଖୁତବାତେ ମହମୁଦ୍, ଗ୍ରନ୍ଥଖଣ୍ଡ-3, ପୃ-71)**

ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ବର୍ଣ୍ଣନା କରନ୍ତି: "ଯେଉଁ ଦୋଷ ଦୁର୍ବଳତା ତଥା କୁପ୍ରଥା ସ୍ଥାନିତ ହୋଇଯାଇଛି ତନ୍ମଧ୍ୟରୁ ଗୋଟିଏ ପ୍ରଥା ହେଲା ବେପରଦା ପ୍ରତି ବୃଦ୍ଧି ପାଉଥିବା କୁମାନସିକତା ମଧ୍ୟ ଏକ ପ୍ରସଙ୍ଗ ଅଟେ । ନିଃସନ୍ଦେହ ରୂପେ ଏହା ଧର୍ମବିଧାନକୁ ସୀମାଲଂଘ ନିକଟବର୍ତ୍ତୀ ହୋଇଯାଇଛି । ବର ପକ୍ଷ ଏଥି ସଂକ୍ରାନ୍ତରେ ନିଃସ୍ତବ୍ଧତାକୁ ମଧ୍ୟ ପରିପ୍ରକାଶିତ କରିଥାଏ । କାରଣ ସମ୍ମାନସ୍ୱଦ ଅତିଥିମାନଙ୍କ ମଧ୍ୟରେ ଅନେକ ପ୍ରକାରର ଲଜ୍ଜାଶୀଳ ପରଦା ପରିଧାନ କରିଥିବା ମହିଳାମାନେ ମଧ୍ୟ ଥାଆନ୍ତି । ବେଧଡ଼କ ଫୋଟୋ ଉତ୍ତୋଳୋନକାରୀ କିମ୍ବା ଦାୟିତ୍ୱହୀନତା ଏବଂ ସତୀ ତଥା ଅବିବାହିତକୁ ଡାକୁ ଫଟୋ ଉତ୍ତୋଳନ କରିବା ଏବଂ ଏହା ଚିନ୍ତା ନକରିବା କି ଉକ୍ତ ପ୍ରସଙ୍ଗଟି କେବଳ ବଂଶର ନିକଟ ପରିଧି ମଧ୍ୟରେ ସୀମିତ ଅଟେ। ଏଥି ସଂକ୍ରାନ୍ତରେ ସ୍ୱଷ୍ଟ ରୂପେ ବାରମ୍ବାର ଉପଦେଶ ଦିଆଯିବା ଉଚିତ୍ ଯେ, ଆପଣ ଯଦି ପରିବାରବର୍ଗଙ୍କ ଭିଡ଼ିଓ ଇତ୍ୟାଦି କରିବେ ତେବେ ପ୍ରଥମେ ଅତିଥିମାନଙ୍କୁ ସାବଧାନ ଓ ସତର୍କକ କରିଦିଆଯାଉ । କେବଳ ସିମିତ ପରିବାରବର୍ଗ ତଥା ବଂଶ ପରିଧି ମ ଧ୍ୟରେ ହିଁ ନିଜର ସୌକକୁ ପୂର୍ଣ୍ଣ କରାଯାଉ ସମସ୍ତଙ୍କ ପାଇଁ ନୁହେଁ।"**(ଦୈନିକ ଅଲ୍ ଫଜଲ୍, ରବୱା, 2002 ମସିହା, ଜୁନ୍ ମାସ 26 ତାରିଖ, ପୃ-4) (ରିସ୍ତା ନାତା ବିଭାଗ, ନଜାରତ୍ ଇସଲାହ୍ ଓ ଇର୍ଶାଦ୍ ମର୍କଜିୟା, କାଦିୟାନ୍)**

☆☆☆

## ଓଡ଼ିଆ ନଜମ୍

### (ମୁ ତୀର୍ଥ ଯିବି ଆରେ। ମୁଁ ତୀର୍ଥ ଯିବି)

ମୁଁ କାଦିଆନ୍ ଯିବି ଆରେ ମୁଁ କାଦିଆନ୍ ଯିବି
କଳକୀ ଦୂତର ଜନମ ସ୍ଥାନ ବୁଲି ଦେଖୁଥିବି
ମୁଁ କାଦିଆନ୍ ଯିବି .........................।।
କଳକୀ ଦୂତ ହୋଇବେ ଜାତ
ଏ ସତ୍ୟ ବଚନ ସେ ତ' କୁରଆନ ଲିଖନ
ତାହା ଦେଖି ମୋ ନୟକୁ ପବିତ୍ର କରିବି ।।

ଦେଖିବି ସେଠି ମିନାରା ମସିହ୍
କେତେ ଉଚ୍ଚ ବାବୁ ସେ ତ' କେଡ଼େ ମନୋରମ
ସେ ବାଟେ କାହିଁ ଇସା ସ୍ୱର୍ଗରୁ ଆସୁ ନାହାନ୍ତି
ମୁଁ ତାହା ଦେଖିବି..........................।।

କେତେ ପଣ୍ଡିତ ଦିଅନ୍ତି ଶିକ୍ଷା
ବିଶ୍ୱ ଶାନ୍ତି ବାଟ ସେ ତ' ବିଶ୍ୱ ଶାନ୍ତି ବାଟ
ପ୍ରଚାର ଲାଗି ସେବକ ଗଣ ଗଢା ହୁଅନ୍ତି
ମୁଁ ତାହା ଦେଖିବି..........................।।

ବୈତୁଦ୍ ଦୁଆରେ ନଫିଲ୍ ପଢି
ମନର ବେଦନା ଯାହା ମନର ବେଦନା
ଅଲ୍ଲାଃ ପାଶରେ କହି ଦେଇ ମୁଁ ଶାନ୍ତି ପାଇବି
ମୁଁ କାଦିଆନ୍ ଯିବି .........................।।

ଧରମ ସଭା କି ମନ ଲୋଭା
କେତେ ଦେଶୁ ବାବୁ ଭକ୍ତ (ବାବୁ) କେତେ ଦେଶ ଭକ୍ତ
ଧାଇଁ ଅଛନ୍ତି ପତଙ୍ଗ ସମ ଜ୍ୱଳନ୍ତ ଦୀପ ଲଭି
ମୁଁ ତାହା ଦେଖିବି..........................।।

ଦୁଇ ମସଜିଦେ କେଡ଼ ଆନନ୍ଦେ ପ୍ରାର୍ଥନା କରନ୍ତି ଭକ୍ତେ ପ୍ରାର୍ଥନା କରନ୍ତି
ତାଙ୍କ ସହିତ ପ୍ରାର୍ଥନା କରି ପାପ ଉଦ୍ଧରିବି
ମଁ କାଦିଆନ୍ ଯିବି .........................।।

ସବୁରି ହୃଦେ ଗୋଟିଏ ଭାବ
ଦେଖିଲେ ଜାଣିବ, ଭାଇ ଦେଖିଲେ ଜାଣିବ
ଧନ ଜୀବନ ତୁଚ୍ଛ କରି ମାଟିରେ ଗଢିବ
ମୁଁ କାଦିଆନ୍ ଯିବି .........................।।

☆--☆--☆

## ପୃ-2ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ....

ନିଆଁ ଲାଗିଲା ପରି ପରିବ୍ୟାପ୍ତ ହୋଇଗଲା । ଲୋକମାନେ ପରସ୍ପର ମଧ୍ୟରେ କଥାବାର୍ତ୍ତା କରିବା ଆରମ୍ଭ କରିଦେଲେ ଯେ, ଅବୁଲ୍ ହକମ୍ ଆମକୁ କହି ବୁଲୁଛି ଯେ, ଆମେମାନେ ମୁହମ୍ମଦ୍ ସ.ଅଙ୍କ କଥା ମାନିବୁ ନାହିଁ ଏବଂ ନିଜେ ମୁହମ୍ମଦ୍ ସ.ଅଙ୍କ ଠାରୁ ଡ଼ରି ଯାଇଛି ଯେ, ମୁହୂର୍ତ୍ତକ ମଧ୍ୟରେ ଟଙ୍କା ଦେବା ନିମନ୍ତେ ପ୍ରସ୍ତୁତ ହୋଇଗଲା। ସେ ଯେତେବେଳେ ଉକ୍ତ କଥା ଶୁଣିଲା ସେତେବେଳେ ସେ ଏହା କହିବାକୁ ଲାଗିଲା ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ହେ ଲୋକମାନେ! ତୁମେମାନେ ଯଦି ମୋ ସ୍ଥାନରେ ଥାଆନ୍ତ ତେବେ ତୁମେମାନେ ମଧ୍ୟ ସେହି କାମ କରିଥାଆନ୍ତି ଯାହା ମୁଁ କରିଛି। କାରଣ ଯେତେବେଳେ ମୁହମ୍ମଦ୍ ସ.ଅ ଆସିଲା ସେତେବେଳେ ତା'ର ବାମ ପାର୍ଶ୍ୱରେ ଏବଂ ଦକ୍ଷିଣ ପାର୍ଶ୍ୱରେ ଦୁଇଟି ବଡ଼ ବଡ଼ ଓଟ ଛିଡ଼ା ହୋଇଥିବାର ମୁଁ ଦେଖିବାକୁ ପାଇଲି । ସେହି ଓଟ ଦ୍ୱୟଙ୍କୁ ଦେଖି ମୋର ହୃଦୟ ଆତଙ୍କିତ ହୋଇଗଲା ଏବଂ ମୁଁ ଭାବିଲି ଯେ, ଯଦି ମୁଁ ମୁହମ୍ମଦ ସ.ଅଙ୍କର କଥା ନମାନିବି ତେବେ ଏହି ଓଟ ଦ୍ୱୟ ମୋତେ ବିଦୀର୍ଣ୍ଣ (ଚିରି) ଖାଇଯିବେ । ବର୍ତ୍ତମାନ ଉକ୍ତ କଥାକୁ ତ' ଅଲ୍ଲାଃତାଲା ଭଲ ଭାବରେ ଜାଣନ୍ତି ଯେ, ଅବୁ ଜହଲ୍‌କୁ ଏପରି କୌଣସି ଦୃଶ୍ୟ ଦୃଶ୍ୟମାନ ହୋଇଥିଲା ଅବା ସତ୍ୟର ଆତଙ୍କ ତା' ଉପରେ ପଡ଼ି ଯାଇଥିଲା। କିନ୍ତୁ ସେ ଯାହା ହେଉ ଯେତେବେଳେ ରସୁଲ୍ କରୀମ୍ ସ.ଅ ହିଲ୍‌ଫୁଲ୍ ଫୁଜୁଲ୍‌ର ଅଙ୍ଗୀକାରର ସମ୍ମାନରେ ଜଣେ ନିଷ୍ପେଷିତ ବ୍ୟକ୍ତିର ଅଧିକାର ପ୍ରଦାନ କରିବା ନିମନ୍ତେ ଅତ୍ୟନ୍ତ ଭୟଙ୍କର ବିପଦକୁ ଭୃକ୍ଷେପ ନକରି ଅବୁ ଜହଲ୍ ପାଖରେ ଯେତେବେଳେ ପହଞ୍ଚିଗଲେ ସେତେବେଳେ ସତ୍ୟର ଆତଙ୍କ ଅବୁ ଜହଲ୍‌ର ଉପଦ୍ରବର ଆତ୍ମାକୁ ଦମନ କରିଦେଲେ ଏବଂ ସେ ଅତ୍ୟାଚାରିତ ତଥା ନିଷ୍ପେଷିତ ବ୍ୟକ୍ତିର ଅଧିକାର ଦେବାକୁ ରାଜି ହୋଇଗଲା ।

ପୁନଶ୍ଚ ରସୁଲ୍ କରୀମ୍ ସ.ଅଙ୍କ ଅଙ୍ଗୀକାରକୁ ସମ୍ପାଦନ ଓ ଚରିତାର୍ଥ କରିବା ନିମନ୍ତେ ଏତେ ଚିନ୍ତିତ ଥିଲେ ଯେ, ସୁଲାହ୍ ହୁଦୈବିୟାହ୍ ଅବସରରେ ଯେତେବେଳେ ଚୁକ୍ତି ହେଲା କି ମକ୍କାର ଲୋକମାନଙ୍କ ମଧ୍ୟରୁ ଯଦି କୌଣସି ଯୁବକ ମୁସଲମାନ ହେଲା ତେବେ ସେହି ଯୁବକକୁ ତା'ର ପରିବାରବର୍ଗଙ୍କୁ ପ୍ରତ୍ୟାହାର କରିଦିଆଯିବ । କିନ୍ତୁ ଯେଉଁ ମୁସଲମାନ ମକ୍କାବାସୀଙ୍କ ଆଡ଼କୁ ଫେରିଯିବ ସେହି ବ୍ୟକ୍ତିକୁ ମକ୍କାବାସୀମାନେ ଫେରସ୍ତ କରିବାକୁ ବାଧ ହେବେ ନାହିଁ । ବର୍ତ୍ତମାନ ସେହି ଚୁକ୍ତିର ରାଜନିତୀ ପକ୍ଷ ବର୍ତ୍ତମାନ ଶୁଷ୍କ ହୋଇ ନଥିଲା କି ସହଲ୍ ଯେକି ମକ୍କାବାସୀଙ୍କ ପକ୍ଷରୁ ଚୁକ୍ତି କରୁଥିଲା ତା'ର ନିଜ ପୁତ୍ର ଦଉଡ଼ି ଦ୍ୱାରା ବନ୍ଧା ହୋଇଥିବା ଏବଂ କ୍ଷତବିକ୍ଷତ ହୋଇ ରସୁଲୁଲ୍ଲାଃ ସ.ଅଙ୍କ ସମ୍ମୁଖରେ ପଡ଼ିଗଲା ଏବଂ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ହୃଦୟରୁ ମୁସଲମାନ ଅଟେ । କିନ୍ତୁ ମୋର ପିତା ମୋର ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ଯୋଗୁଁ ମୋତେ ନିର୍ଯାତନା ଦେଉଛି । ଆଜି ମୋର ପିତା ଏଠାକୁ ଆସିଥିଲା ତେଣୁ ମୁଁ ସୁଯୋଗ ଦେଖି ଏଠାକୁ ଖସି ପଳାଇ ଆସିଲି । ରସୁଲ୍ କରୀମ୍ ସ.ଅ ବର୍ତ୍ତମାନ ତାକୁ କୌଣସି ଉତ୍ତର ଦେଇ ନଥିଲେ କି ତା'ର ପିତା କହିବାକୁ ଲାଗିଲା, "ହେ ମୁହମ୍ମଦ୍ ସ.ଅ ! ଚୁକ୍ତି ସ୍ୱାକ୍ଷରିତ ହୋଇ ସାରିଛି । ବର୍ତ୍ତମାନ ମୋ ପୁତ୍ରକୁ ମୋତେ ହସ୍ତାନ୍ତର କରିବାକୁ ପଡ଼ିବ । ଅବୁ ଜନ୍ଦଲ୍‌ର ଅବସ୍ଥା ସେତେବେଳେ ଏତେ ସଂକଟାପନ୍ନ ଥିଲା କି ମୁସଲମାନମାନଙ୍କର ଚକ୍ଷୁ ରକ୍ତ ରଞ୍ଜିତ ହୋଇଯାଇଥିଲା । ସ୍ୱୟଂ ଅବୁ ଜନ୍ଦଲ୍ ମଧ୍ୟ ରସୁଲ୍ କରୀମ୍ ସ.ଅଙ୍କୁ କହିବାକୁ ଲାଗିଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆପଣ ସ.ଅ ମୋତେ ମକ୍କାବାସୀଙ୍କ ଆଡ଼କୁ ପ୍ରେରଣ କରିଦେବେ ? ଏହି ମକ୍କାବାସୀମାନେ ମୋତେ ପୂର୍ବାପେକ୍ଷା ଅଧିକ ନିର୍ଯାତନା ଦେବେ ? କିନ୍ତୁ ଆପଣ ସ.ଅ କହିଲେ, ହେ ଅବୁ ଜନ୍ଦଲ୍ ! ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ଚୁକ୍ତି ଭଙ୍ଗ କରନ୍ତି ନାହିଁ। ସେ ଯାହା ହେଉ ତୁମକୁ ଫେରିଯିବାକୁ ହେବ । ତୁମେ ଧୈର୍ଯ୍ୟ ଧର ଏବଂ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ । ସୁତରାଂ ଅବୁ ଜନ୍ଦଲ୍‌କୁ ମକ୍କା ପ୍ରେରଣ କରିଦିଆଗଲା । ପୁନଶ୍ଚ ଯେତେବେଳେ ଆପଣ ସ.ଅ ମଦିନା ପହଞ୍ଚିଲେ ସେତେବେଳେ ମକ୍କାବାସୀଙ୍କର ଅବୁ ବସୀର୍ ନାମକ ଜଣେ ଯୁବକ ପଛେ ପଛେ ଧାଇଁ ଆସି ମଦିନା ପହଞ୍ଚିଗଲା । କିନ୍ତୁ ରସୁଲ୍ କରୀମ୍ ସ.ଅ ଅବୁ ଜନ୍ଦଲ୍‌କୁ ଚୁକ୍ତି ଅନୁଯାୟୀ ମକ୍କା ଫେରିଯିବାକୁ ବାଧ କଲେ। ଅତଏବ୍ ଏହିପରି ଭାବରେ ଅଙ୍ଗୀକାର ତଥା ଚୁକ୍ତି ପାଳନ କରିବା ପ୍ରତି ଆପଣ ସ.ଅ ଏତେ ଚିନ୍ତିତ ଥିଲେ କି ଏକଦା ଏକ ଦେଶର ରାଜଦୂତ ରସୁଲ୍ କରୀମ୍ ସ.ଅଙ୍କ ପାଖକୁ କୌଣସି ସନ୍ଦେଶ ନେଇ ଆସିଲା ଏବଂ ଆପଣ ସ.ଅଙ୍କ ସାହଚର୍ଯ୍ୟଦ୍ୱରେ କିଛି ଦିନ ବିତାଇ ଇସ୍‌ଲାମ୍ ଧର୍ମର ସତ୍ୟତାର ସ୍ୱୀକାରୋକ୍ତି ପ୍ରକାଶକାରୀ ହୋଇଗଲା। ସେ ରସୁଲ୍ କରୀମ୍ ସ.ଅଙ୍କୁ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ନିଜ ଇସଲାମ୍ ଧର୍ମର ପରିପ୍ରକାଶ କରିବାକୁ ଚାହୁଁଛି । ରସୁଲ୍ କରୀମ୍ ସ.ଅ କହିଲେ, ଏହା ଉଚିତ୍ ନୁହେଁ। ତୁମେ ନିଜ ରାଜ୍ୟରେ ଏକ ବିଶେଷ ପଦବୀରେ ଆସୀନ ଓ ନିଯୁକ୍ତ ହୋଇଅଛ । ତୁମେ ଏହି ଅବସ୍ଥାରେ ଏବଂ ଏହି ମୁହୂର୍ତ୍ତରେ ହିଁ ଫେରିଯାଅ ଓ ସେଠାରେ ଯାଇ ଯଦି ତୁମ ମନରେ ଇସ୍‌ଲାମ୍ ଧର୍ମ ପ୍ରତି ପ୍ରେମ ତଥାପି ଅବ୍ୟାହତ ରହିଲା ତେବେ ତୁମେ ପୁନଃ ଏଠାକୁ ଆସି ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନିଅ ।" **(ଅବୁ ଦାଉଦ୍, ବାବୁଲ୍ ୱଫା, ବିଲ୍ ଅହ୍‌ଦି)** **(ଅବଶିଷ୍ଟାଂଶ..........ପୃ-11ରେ)**

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

## ଇଚ୍ଛୁକ ଓ ଆଗ୍ରହୀ ପ୍ରାର୍ଥୀମାନେ ଦୟାକାରି ଧ୍ୟାନ ଦିଅନ୍ତୁ ! ନିଜାମତ୍ ତାମିରାତ୍ (ନିର୍ମାଣ ବିଭାଗ) କାଦିୟାନରେ ଜଣେ ଇଲେକ୍ଟ୍ରିକାଲ୍ ସୁପରଭାଇଜରର ଆବଶ୍ୟକତା ରହିଛି ।

**ସର୍ତ୍ତାବଳୀ/ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା :**

(1) ପ୍ରାର୍ଥୀଙ୍କୁ 18 ବର୍ଷରୁ କମ୍ ବୟସ ହୋଇ ନଥିବା ଉଚିତ୍ ଏବଂ 50 ବର୍ଷରୁ ଅଧିକ ବୟସ ହୋଇ ନଥିବା ଉଚିତ୍ (ପରିସ୍ଥିତିକୁ ଧ୍ୟାନରେ ରଖି ଜରୁରୀ କାଳୀନ ସ୍ଥିତିରେ ବିଚାର କରାଯାଇ ପାରିବ) ।

(2) ପ୍ରାର୍ଥୀ ଜଣକ ଇଲେକ୍ଟ୍ରିକାଲ ଫିଲ୍ଡ଼ରେ ପ୍ରମାଣ ପତ୍ର କିମ୍ବା Trade Qualification (ଉଦାହରଣ ସ୍ୱରୂପ କଳା, ବାଣିଜ୍ୟ ଆଦି ସଂସ୍ଥାନରୁ ଭୋକେସନାଲ ସ୍କୁଲରୁ) ପ୍ରାପ୍ତ କରିଥିବା ଉଚିତ୍ ।

(3) ପ୍ରାର୍ଥୀ ନିକଟରେ ଇଲେକ୍ଟ୍ରିକାଲ୍ ସୁପରଭାଇଜରର ଲାଇସେନସ୍ ହୋଇଥିବା ଉଚିତ୍ ।

(4) ପ୍ରାର୍ଥୀ ନିକଟରେ ଅତିରିକ୍ତ ସାର୍ଟିଫିକେଟ୍ ଯଥା- Safety Certificate, First Aid/CPR Training, Certificate Of HV/LV Switching Operations ହେବା ଉଚିତ୍ ।

(5) ପ୍ରାର୍ଥୀଙ୍କୁ ଅନ୍ତତଃ ଇଲେକ୍ଟ୍ରିକାଲ ଇନଷ୍ଟଲେସନ, ମରାମତି କିମ୍ବା ପ୍ରୋଜେକ୍ଟ୍ ୱାର୍କରେ 2 ବର୍ଷ ବ୍ୟବହାରିକ ଅଭିଜ୍ଞତା ରହିଥିବା ଉଚିତ୍ ।

(6) ପ୍ରାର୍ଥୀଙ୍କୁ ସୁପରଭାଇଜର କିମ୍ବା Lead Technician Roleର ଅତି କମରେ 1 ବର୍ଷର ଅଭିଜ୍ଞତା ରହିଥିବା ଉଚିତ୍ ।

(7) ପ୍ରାର୍ଥୀଙ୍କୁ Industrial electrical systems,Control panels,Switchgear,Power Distribution Systems,Wiring and Conduit Systemsର କାର୍ଯ୍ୟର ଅଭିଜ୍ଞତା ରହିଥିବା ଉଚିତ୍ ।

(8) ପ୍ରାର୍ଥୀ Electricians କିମ୍ବା Techniciansର ଟିମକୁ ମ୍ୟାନେଜ୍ (ପରିଚାଳନା) କରିବାର ଅଭିଜ୍ଞତା ରହିଥିବା ଉଚିତ୍ ।

(9) ପ୍ରାର୍ଥୀଙ୍କୁ ନିକଟରେ ଇଲେକ୍ଟ୍ରିକାଲ୍ Codes ଏବଂ ସୁରକ୍ଷା ସ୍ତରର ଗଭୀର ଅବବୋଧ (ବୁଝିବା, ଧାରଣା) ରହିଥିବା ଉଚିତ୍ ।

(10) ପ୍ରାର୍ଥୀଙ୍କୁ ନିକଟରେ ଇଲେକ୍ଟ୍ରିକାଲ୍ Drawings ଓ Blueprints ପାଠ କରିବାର ଦକ୍ଷତା ରହିଥିବା ଉଚିତ୍ ।

(11) ପ୍ରାର୍ଥୀ ଇଲେକ୍ଟ୍ରିକାଲ୍ ସମସ୍ୟାକୁ ଅତି ସହଜରେ Troubleshooting କରିପାରୁଥିବା ଉଚିତ୍ ।

(12) ପ୍ରାର୍ଥୀ ନିକଟରେ ଭାଷା, ଯୋଗାଯୋଗ ଦକ୍ଷତା ଏବଂ ଟିମ୍ ଲିଡ଼ରଶିପରେ ଅଭିଜ୍ଞ ଓ ପାରଙ୍ଗମ ହୋଇଥିବା ଉଚିତ୍ ।

(13) ପ୍ରାର୍ଥୀ ସୁସ୍ଥ ହୋଇଥିବା ଉଚିତ୍ । ପ୍ରାର୍ଥୀଙ୍କର ଧାର୍ମିକ ଏବଂ ଚାରିତ୍ରିକ ଅବସ୍ଥା ଉତ୍ତମ ହୋଇଥିବା ଉଚିତ୍ ଏବଂ କାମ କଲାବାଲା ସହକର୍ମୀଙ୍କ ସହିତ ନମ୍ରତା ପ୍ରଦର୍ଶନ କରୁଥିବା ଉଚିତ୍ ।

**ଆବଶ୍ୟକୀୟ ମାର୍ଗଦର୍ଶିକା ବା ନିର୍ଦ୍ଦେଶାବଳୀ :**

(1) ସାପ୍ତାହିକ ବଦରରେ ଉକ୍ତ ଘୋଷଣାର ଶେଷ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ କାର୍ଯ୍ୟାଳୟରେ ହସ୍ତଗତ ହେବ ସେହି ଆବେଦନଗୁଡ଼ିକ ଉପରେ ହିଁ ବିଚାର କରାଯିବ ।

(2) ଇଚ୍ଛୁକ ପ୍ରାର୍ଥୀମାନେ ନିଜ ନିଜର ଆବେଦନ ପ୍ରକାଶିତ ଆବେଦନ ଫର୍ମ ପୂରଣ କରି ଜିଲ୍ଲା ଅମୀର/ସ୍ଥାନୀୟ ଅମୀର/ସଦର୍ ଜମାଅତ୍/ମୁବଲ୍ଲିଗ୍ ଇନ୍‌ଚାର୍ଜଙ୍କ ଦ୍ୱାରା ପୁଷ୍ଟିଗତ ଦସ୍ତଖତ ଏବଂ ମୋହର ସହିତ କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ।

(3) ଇଣ୍ଟରଭ୍ୟୁ (ସାକ୍ଷାତ୍କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ଙ୍କ ଦ୍ୱାରା ଡାକ୍ତରୀ ପରୀକ୍ଷା କରାଇବାକୁ ପଡ଼ିବ । ଯେଉଁ ପ୍ରାର୍ଥୀ ନୂର୍ ହସ୍ପିଟାଲଙ୍କ ମେଡ଼ିକାଲ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ଅନୁଯାୟୀ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା କରିବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ।

(4) କାଦିୟାନ୍ ଯିବା ଆସିବା ନିମନ୍ତେ ବାଟ ଖର୍ଚ୍ଚ ଓ ମେଡ଼ିକାଲ୍ ସାର୍ଟିଫିକେଟର ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

(5) ଇଣ୍ଟରଭ୍ୟୁ ସମୟରେ ପ୍ରାର୍ଥୀଙ୍କୁ ନିଜର ଶିକ୍ଷାଗତ ଯୋଗ୍ୟତାର ସମସ୍ତ ସାର୍ଟିଫିକେଟ୍ ନିଜ ସାଙ୍ଗରେ ଆଣିବା ଆବଶ୍ୟକ ଅଟେ।

**ନୋଟ୍:** ଇଣ୍ଟରଭ୍ୟୁର ତାରିଖ ସହିତ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍, ଗୁର୍ଦାସପୁର, ପଞ୍ଜାବ, ପିନ୍ କୋଡ୍-143516, ମୋବାଇଲ୍ ନଂ: 9682587713 ,9888232530, 9682627592, କାର୍ଯ୍ୟାଳୟ: 01872-501130
Email:diwan@qadian.in

## ହଦିସର ଅନୁମତିର ଅର୍ଥ ଏହା ନୁହେଁ ଯେ, ପରସ୍ପରକୁ ବୁଝିବା ନିମନ୍ତେ ସବୁବେଳେ ଅଲଗା ସ୍ଥାନରେ ଯାଇ ବସିବେ ?

### ହଜରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ (ପଞ୍ଚମ ଖଲିଫା)ଙ୍କ ନିର୍ଦ୍ଦେଶାବଳୀ

ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ହ. ମୁଗିରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ସେ ଏକ ସ୍ଥାନାରେ ନିଶାନୀ କରିବାକୁ ସନ୍ଦେଶ ପ୍ରେରଣ କଲେ । ତେବେ ଆପଣ ସ.ଅ କହିଲେ, ହେ ମୁଗିରାହ୍ ! ତୁମେ ସେହି କନ୍ୟାକୁ ଦେଖିନିଅ । କାରଣ ଏପରି ଦେଖିବା ଦ୍ୱାରା ତୁମ ମଧ୍ୟରେ ଓ କନ୍ୟା ମଧ୍ୟରେ ସମନ୍ୱୟତା ଏବଂ ପ୍ରେମ ସଂପର୍କ ଗଢି ଉଠିବାର ସମ୍ଭାବନା ଅଧିକ ରହିଛି ।

**(ତିର୍ମିଜି, କିତାବୁନ୍ ନିକାହ୍, ବାବ୍- ଫିନ୍ ନଜରି ଇଲଲ୍ ମଖତୁବତି)**

ଉପରୋକ୍ତ ହଦିସରେ ଯେଉଁ ଅନୁମତି ପ୍ରଦାନ କରାଯାଇଛି ତାହାକୁ ଆଜିକାଲି ସମାଜରେ କେତେକ ଲୋକମାନେ ଭୁଲ୍ ଅର୍ଥ ମନେକରି ନେଇଛନ୍ତି । ସେହି ଲୋକମାନେ ଏହି ଅର୍ଥ ଗ୍ରହଣ କରି ନେଇଛନ୍ତି ଯେ, ପରସ୍ପରକୁ ବୁଝିବା ନିମନ୍ତେ ବର ଓ କନ୍ୟା ପରିବାର ବର୍ଗଙ୍କ ଠାରୁ ପୃଥକ୍ ରୁହନ୍ତୁ ଏବଂ ଅଲଗା ବୁଲାବୁଲି କରୁ ଥାଆନ୍ତୁ.......ଘରମାନଙ୍କର ମଧ୍ୟ ବର ଓ କନ୍ୟା ଘଣ୍ଟା ଧରି ଭିନ୍ନ ହୋଇ ବସି ରହିଥାଆନ୍ତି । ତେଣୁ ଏହି ପ୍ରସଙ୍ଗଟି ଭୁଲ୍ ଅଟେ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ପରସ୍ପର ସମ୍ମୁଖକୁ ଆସି ପରସ୍ପରର ମୁଖକୁ ଦେଖି ପରସ୍ପରକୁ ଦେଖିବା ବୁଝିବାରେ ସହଜତା ସୃଷ୍ଟି ହୋଇଥାଏ । କଥାବାର୍ତ୍ତା କରିବା ସମୟରେ କେତେକ ଗତିବିଧି ସଂପର୍କରେ ଜଣା ପଡ଼ି ଯାଇଥାଏ । ଅର୍ଥାତ୍ ପୁଅ ଝିଅର ଦୋଷଦୁର୍ବଳତା ଏବଂ ସୁଗୁଣ ସଂପର୍କରେ ଜାଣିପାରି ଥାଏ ଓ ଝିଅ ପୁଅର ଦୋଷଦୁର୍ବଳତା ଏବଂ ସୁଗୁଣ ସଂପର୍କରେ ଜାଣିପାରି ଥାଏ ।

ପୁନଶ୍ଚ ଆଜିକାଲିକା ଯୁଗରେ ଘରର ସଦସ୍ୟମାନଙ୍କ ସହିତ ବସି ଖାଦ୍ୟ ଖାଇବାରେ କୌଣସି ଅସୁବିଧା ଓ ଆପତ୍ତି ନାହିଁ । ଆହାର ଖାଇବା ସମୟରେ ମଧ୍ୟ ପରସ୍ପରର ଅନେକ ଗତିବିଧି ଓ ଅଭ୍ୟାସ ପ୍ରକାଶିତ ହୋଇଯାଇଥାଏ । ଯଦି ଏପରି କୌଣସି କଥା ଭଲ ନଲାଗେ ତେବେ ଆଗରୁ ଜଣା ପଡ଼ିଯିବ ଏବଂ ପରବର୍ତ୍ତୀ ସମୟରେ କଳି ଝଗଡ଼ା ହେବ ନାହିଁ । ଯଦି ସୁଗୁଣ ରହିଛି ତେବେ ସମନ୍ୱୟ ଓ ପ୍ରେମ ସଂପର୍କ ଗଢି ଉଠିଥାଏ.......ବେଳେବେଳେ ଅନ୍ୟ ଲୋକମାନଙ୍କର ଏହି ଭୂମିକା ହୋଇ ଯାଇଥାଏ ଯେ, ଯଦି କାହା ସହିତ ରିଷ୍ଟା (ନିର୍ବନ୍ଧ) ହୋଇଗଲା ତେବେ ସେହି ସଂପର୍କକୁ ଭାଙ୍ଗିବା ନିମନ୍ତେ ଉଦ୍ୟମ କରିଥାଆନ୍ତି । ସେମାନଙ୍କୁ ସମ୍ମୁଖରେ ମିଳିବା ନିମନ୍ତେ ସୁଯୋଗ ମିଳି ନଥାଏ ।

ପୁଅ ଝିଅ ପରସ୍ପରର ଗତିବିଧିକୁ ଲକ୍ଷ୍ୟ କରିବା ଦ୍ୱାରା ପରସ୍ପରକୁ ଜାଣିଯାଇଥିବେ । କିନ୍ତୁ ବେଳେବେଳେ କେତେକ ଲୋକ ଅନ୍ୟ ପାର୍ଶ୍ୱରୁ ଚରମ ସୀମାକୁ ପହଞ୍ଚି ଯାଇଥାଆନ୍ତି । ସେମାନେ ଆଦୌ ଏହା ସହ୍ୟ କରିପାରନ୍ତି ନାହିଁ ଯେ, ପୁଅ ଝିଅ ବା ବର କନ୍ୟା ବିବାହ ପୂର୍ବରୁ କିମ୍ବା ସନ୍ଦେଶ ସମୟରେ ପରସ୍ପର ମୁହାଁମୁହିଁ ହୋଇ ବସିବେ । ଏହାକୁ ସ୍ୱାଭିମାନର ନାମ ପ୍ରଦାନ କରାଯାଇଥାଏ । ଇସଲାମ୍ ଧର୍ମର ଶିକ୍ଷା ଏକ ମଧ୍ୟବର୍ତ୍ତୀ ଶୀକ୍ଷା ଉପରେ ପର୍ଯ୍ୟବେସିତ ଅଟେ । ନା କୌଣସି ଶିକ୍ଷା ନ୍ୟୁନ ରହିଛି ଓ ନା ହିଁ କୌଣସି ଶିକ୍ଷା ଆଧିକ୍ୟତା ରହିଛି । ସେହିପରି ଇସଲାମ୍ ଧର୍ମ ଚରମତ୍ୱ, ଚରମ ପଦକ୍ଷେପ ଗ୍ରହଣ କରିବା ସମ୍ପର୍କରେ ଓ ଏହା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ଜୋର ଦେଇଥାଏ । ଏହା ଦ୍ୱାରା ଅର୍ଥାତ୍ ଇସଲାମ୍ ଧର୍ମର ଶିକ୍ଷା ଦ୍ୱାରା ହିଁ ମନୁଷ୍ୟ ସମାଜରେ ଶାନ୍ତିରେ ଜୀବନ ଯାପନ କରିବ ଓ ସମାଜରେ ଉପଦ୍ରବରୁ ଦୂରେଇ ରହି ପାରିବ । **(ଖୁତବାତେ ମସ୍ରୁର, ଗ୍ରନ୍ଥଖଣ୍ଡ-2, ପୃ-934) (ଶୋବା ରିଷ୍ଟା ନାତା, ନଜାରତ୍ ଇସଲାହ୍ ଓ ଇର୍ଶାଦ୍ ମର୍କଜିୟା, କାଦିୟାନ୍)** ☆--☆--☆

### ପୃ-10ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ....

ପୁନଶ୍ଚ ମୁସଲମାନମାନେ ମଧ୍ୟ ନିଜର ପ୍ରତିଶ୍ରୁତି ରକ୍ଷା ତଥା ଚୁକ୍ତି ରକ୍ଷା କରିବା ପ୍ରତି ଏତେ ସତର୍କ ଓ ଚିନ୍ତିତ ଥିଲେ କି ଏକଦା ଅବିଶ୍ୱାସକାରୀମାନେ ଠିକ୍ ଯୁଦ୍ଧ ସମୟରେ ଛଳନାପୂର୍ବକ ଜଣେ ନିଗ୍ରୋ **(ଅବଶିଷ୍ଟାଂଶ...............ପୃ-12ରେ)**

### (ବିଶେଷ ସୂଚନା)

ଏତଦ୍ଦ୍ୱାରା ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଇଂଲଣ୍ଡରେ ଯେହେତୁ ଶୀତ ଋତୁ (Winter Time) ଆରମ୍ଭ ହୋଇଯାଇଛି ତେଣୁ ତା- 31 ଅକ୍ଟୋବର 2025 ମସିହା ଠାରୁ ହୁଜୁର ଅନୱର୍ ଅ.ବଙ୍କ ଖୁତ୍‌ବା ଜୁମା ପୂର୍ବବତ୍ ଏମ୍.ଟି.ଏରେ ନିମ୍ନ ଲିଖିତ ସମୟାନୁଯାୟୀ ପ୍ରସାରିତ ହେବ **ଇନ୍‌ଶାଅଲ୍ଲାହ:**

**ଇସଲାମାବାଦ୍ (ବ୍ରିଟେନ୍): 1.00 GMT ସମୟରେ**

**କାଦିୟାନ୍ (ଭାରତ): ସନ୍ଧ୍ୟା 6.30 P.M ସମୟରେ**

**(ବଦରର ସମ୍ପାଦକ ମଣ୍ଡଳୀ)**

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 11 December 2025 Issue No. 50

MANAGER
ATHAR AHMAD SHAMIM
Mobile. : +91 9815639670
e-mail :managerbadrqnd@gmail.com

## ପୃ-11ରେ ବର୍ଣ୍ଣିତ ତଫସିର ର ଅବଶିଷ୍ଟାଂଶ....

ମୁସଲମାନ ସହିତ ଚୁକ୍ତି କରିନେଲେ ଏବଂ ସେମାନେ ଦୁର୍ଗର ଦ୍ୱାର ଖୋଲିଦେଲେ । ଯେତେବେଳେ ସୈନ୍ୟବାହିନୀ ଆଗକୁ ଅଗ୍ରସର ହେଲା ଅର୍ଥାତ୍ ଦୁର୍ଗ ମଧ୍ୟକୁ ପ୍ରବେଶ କଲା ସେତେବେଳେ ସେମାନେ କହିଲେ, ହେ ମୁସଲମାନମାନେ ! ତୁମମାନଙ୍କ ସହିତ ଆମର ଚୁକ୍ତି ସ୍ୱାକ୍ଷରିତ ହୋଇ ସାରିଛି । ସେନପତି କହିଲା, ହେ ଅବିଶ୍ୱାସକାରୀମାନେ! ତୁମମାନଙ୍କ ସହିତ ଆମର କୌଣସି ଚୁକ୍ତି ଫୁକ୍ତି ହୋଇ ନାହିଁ । ସେମାନେ କହିଲେ, ଆମେ ତ' କେବଳ ଜଣେ ନିଗ୍ରୋ ଦାସ ସହିତ ଚୁକ୍ତି କରି ନେଇଥିଲୁ ଏବଂ ସେ କେତେକ ସର୍ତ୍ତାବଳୀ ସହିତ ଆମମାନଙ୍କୁ ସୁରକ୍ଷା ଦେଇ ଦେଇଥିଲା । ସେନାପତି କହିଲା, ସେହି ନିଗ୍ରୋ ଦାସକୁ କ'ଣ ବା ଚୁକ୍ତିର ଅଧିକାର ପ୍ରାପ୍ତ ହୋଇଛି । ଚୁକ୍ତି ତ' ମୋ ସହିତ ହେବାର ଥିଲା । ସେମାନେ କହିଲେ, ଆମେମାନେ ଜାଣି ନାହୁଁ ଆମେ ଆପଣଙ୍କ ସହିତ ଚୁକ୍ତି କରି ସାରିଛୁ । ଯେତେବେଳେ ମତପାର୍ଥକ୍ୟ ବୃଦ୍ଧି ପାଇବାକୁ ଲାଗିଲା ସେତେବଳେ ଇସ୍ଲାମୀୟ ସୈନ୍ୟବାହିନୀର ସେନାପତି ହ. ଉମର୍ ର.ଅଙ୍କୁ ସମସ୍ତ ବୃତ୍ତାନ୍ତ ଲେଖି ପ୍ରେରଣ କରିଦେଲା । ସେନାପତି ଜଣକ ହ. ଉମର୍ ର.ଅ.ଙ୍କୁ ପଚାରିଲା ଯେ, ହେ ଉମର୍ ! ବର୍ତ୍ତମାନ କ'ଣ କରାଯିବ ? ହ. ଉମର୍ ର.ଅ ଉତ୍ତର ଦେଲେ ଯେ, ଅଲ୍ଲାଃତାଲା ଚୁକ୍ତି ରକ୍ଷାକୁ ଅତ୍ୟନ୍ତ ଗୁରୁତ୍ୱ ପ୍ରଦାନ କରିଛନ୍ତି । ତେଣୁ ଯେପର୍ଯ୍ୟନ୍ତ ପ୍ରତିପକ୍ଷ ସ୍ୱୟଂ କୌଣସି ଚୁକ୍ତି ଭଙ୍ଗ କରି ନାହିଁ ସେପର୍ଯ୍ୟନ୍ତ ତୁମେମାନେ ଚୁକ୍ତି ରକ୍ଷା କର । ଚୁକ୍ତିକୁ ପାଳନ କରୁଥାଅ । **(ତବ୍ରୀ, ଗ୍ରନ୍ଥଖଣ୍ଡ-5, ପୃ-2568)**

☆--☆--☆

☆--☆--☆

## ଏମ୍.ଟି.ଏ ଇଣ୍ଟରନ୍ୟାସ୍ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ବିଶେଷ ଉପସ୍ଥାପନ "ଐତିହାସିକ କାର୍ଯ୍ୟକ୍ରମ"

ଜମାଅତ୍ ଅହମଦିୟାର ସ୍ୱର୍ଣ୍ଣିମ ଇତିହାସ ଉପରେ ଆଧାରିତ କାର୍ଯ୍ୟକ୍ରମ ! ଏମ୍.ଟି.ଏ ଇଣ୍ଟର୍ନ୍ୟାସ୍ନଲ୍ ଇଣ୍ଡିୟା ଷ୍ଟୁଡ଼ିଆ ପକ୍ଷରୁ ଏକ ବିଶେଷ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ଜମାଅତ୍ ଅହମଦିୟାର ଇତିହାସରେ ଘଟିଥିବା ମୁଖ୍ୟ ଘଟଣାବଳୀର ବିବରଣୀମାନ ଉପସ୍ଥାପିତ କରାଯାଇଛି । ଯେଉଁଠି ଉକ୍ତ ଘଟଣାବଳୀ ଘଟିଛି ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ସେହି ଐତିହାସିକ ସ୍ଥାନକୁ ସେନ୍ଦ୍ର କରି ଉକ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ତହିଁରେ ସଂକ୍ଷିପ୍ତ ଡକ୍ୟୁମେଣ୍ଟାରୀ (ପ୍ରାମାଣିକ ଭିଡ଼ିଓମାନ) ଇତ୍ୟାଦି ମଧ୍ୟ ଅନ୍ତର୍ଭୁକ୍ତ ରହିଛି । କାରଣ ଦର୍ଶକମାନେ ଏହା ଜାଣନ୍ତୁ ଯେ, ଏହି ସ୍ଥାନଗୁଡ଼ିକର ନାମ କ'ଣ, କେଉଁଠି ଏହି ସ୍ଥାନଗୁଡ଼ିକ ଅବସ୍ଥିତ ଅଟନ୍ତି? ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ । ତତ୍ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ ଚ୍ୟାନେଲ୍ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି। ତେଣୁ ଜମାଅତ୍ର ସଦସ୍ୟବୃନ୍ଦ ନିଜର ସୁବିଧା ମୁତାବକ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୁଅନ୍ତୁ ଏବଂ ଜମାଅତ୍ର ଇତିହାସ ସହିତ ଅବଗତ ହୁଅନ୍ତୁ । ଏମ୍.ଟି.ଏର ଅଫିସିୟାଲ ୟୁଟ୍ୟୁବ୍ ଚ୍ୟାନେଲ୍କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିୟାଲ୍ Youtube ଚ୍ୟାନେଲ୍

ଏମ୍.ଟି.ଏର ଅଫିସିୟାଲ୍ Whatsappp ଚ୍ୟାନେଲ୍

## ଏମ୍.ଟି.ଏ ଇଣ୍ଟରନ୍ୟାସ୍ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ଅନନ୍ୟ ଉପସ୍ଥାପନ "ପୁସ୍ତକ ପରିଚୟ"

ରୁହାନୀ ଖଜାଏନ୍ ଏବଂ ଅନ୍ୱାରୁଲ୍ ଉଲୁମ୍ର ସାମଗ୍ରିକି ସମୀକ୍ଷା ଏମ୍.ଟି.ଏ ଇଣ୍ଟରନ୍ୟାସ୍ନଲ୍ ଇଣ୍ଡିୟା ଷ୍ଟୁଡ଼ିଆ ପକ୍ଷରୁ "**ପୁସ୍ତକ ପରିଚୟ**" ଉପରେ ଆଧାରିତ ଏକ ନୂତନ ତଥ୍ୟଭିତ୍ତିକ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ରୁହାନୀ ଖଜାଏନ୍, ଅନୁୱାରୁଲ୍ ଉଲୁମ ଗ୍ରନ୍ଥର ପୁସ୍ତକ ପରିଚୟ ଉପସ୍ଥାପିତ କରାଯାଇଥାଏ। ଏହି କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ଜମାଅତ୍ର ସଦସ୍ୟବୃନ୍ଦଙ୍କ ନିମନ୍ତେ ଜ୍ଞାନଭିତ୍ତିକ, ଆଧାତ୍ମିକ ଓ ସାଂସ୍କାରିକ ଦୃଷ୍ଟିରୁ ଅତ୍ୟନ୍ତ ଉପାଦେୟ ଅଟନ୍ତି । ଉକ୍ତ କାର୍ଯ୍ୟକ୍ରମ ସାହାଯ୍ୟରେ ପୁସ୍ତକଗୁଡ଼ିକୁ ବୁଝିବାରେ ବେଶ୍ ସହାୟକ ଏବଂ ପୁସ୍ତକ ଅଧ୍ୟୟନ କରିବା ପ୍ରତି ସଦସ୍ୟବୃନ୍ଦଙ୍କ ମଧ୍ୟରେ ଆଗ୍ରହ ତଥା ରୁଚି ସୃଷ୍ଟି ହୋଇଥାଏ । ତେଣୁ ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ ଏବଂ ତତ୍ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ୍ ଚ୍ୟାନେଲ୍ (MTA International India Studios) ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି । ତେଣୁ ଜମାଅତ୍ର ସଦସ୍ୟବୃନ୍ଦ ନିଜର ସୁବିଧା ଅନୁଯାୟୀ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୋଇପାରିବେ । ଏମ୍.ଟି.ଏର ଅଫିସିୟାଲ୍ ୟୁଟ୍ୟୁବ୍ ଚ୍ୟାନେଲ୍କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିୟାଲ୍ Youtube ଚ୍ୟାନେଲ୍

ଏମ୍.ଟି.ଏର ଅଫିସିୟାଲ୍ Whatsappp ଚ୍ୟାନେଲ୍

## କ'ଣ ଆପଣମାନେ ପ୍ରତ୍ୟେକ ଦିନ ନିମ୍ନଲିଖିତ ଦୁଆ ଜପନ୍ତି କି ?

سُبْحَانَ اللّٰهِ وَبِحَمْدِهٖ سُبْحَانَ اللّٰهِ الْعَظِيْمِ

اَللّٰهُمَّ صَلِّ عَلٰى مُحَمَّدٍ وَّ آلِ مُحَمَّدٍ

**ଅନୁବାଦ୍:** ଅଲ୍ଲାଃତାଲା ନିଜର ପ୍ରଶଂସା ସହିତ ପବିତ୍ର ଅଟନ୍ତି, ଅଲ୍ଲାଃତାଲା ପବିତ୍ର ଅଟନ୍ତି ଏବଂ ସେ ମହାନ୍ ଅଟନ୍ତି । ହେ ଅଲ୍ଲାଃ ତୁମ୍ଭେ ମୁହମ୍ମଦ୍ ସ.ଅଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ କର ଓ ଆପଣ ସ.ଅଙ୍କ ପରିବାରବର୍ଗଙ୍କ ଉପରେ ମଧ୍ୟ ଶାନ୍ତି ଅବତୀର୍ଣ୍ଣ କର ।

☆--☆--☆

اَسْتَغْفِرُ اللّٰهَ رَبِّيْ مِنْ كُلِّ ذَنْبٍ وَّ اَتُوْبُ اِلَيْهِ

**ଅନୁବାଦ୍:** ଅଲ୍ଲାଃତାଲାଙ୍କ ନିକଟରେ ମୁଁ କ୍ଷମାପ୍ରାର୍ଥୀ ଅଟେ, ସେ ମୋର ପାଳନକର୍ତ୍ତା ଅଟନ୍ତି । ମୁଁ ତାହାଙ୍କ ଆଡ଼କୁ ହିଁ ଆନତ ହେଉଅଛି (ନତମସ୍ତକ ହେଉଅଛି) ।

☆--☆--☆

رَبِّ كُلُّ شَيْءٍ خَادِمُكَ رَبِّ فَاحْفَظْنِيْ وَانْصُرْنِيْ وَارْحَمْنِيْ

**ଅନୁବାଦ୍:** ହେ ମୋର ପାଳନକର୍ତ୍ତା ! ପ୍ରତ୍ୟେକ ବସ୍ତୁ ତୁମ୍ଭର ସେବକ ଅଟେ । ତେଣୁ ହେ ମୋର ପାଳନକର୍ତ୍ତା ! ତୁମ୍ଭେ ମୋତେ ସୁରକ୍ଷିତ ଏବଂ ନିରାପଦ ରଖ, ମୋତେ ସାହାଯ୍ୟ କର ଓ ମୋ ଉପରେ ଦୟା କର ।

☆--☆--☆

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَيْسَ اللّٰهُ بِكَافٍ عَبْدَهٗ

**(ଅଳ୍ କୁମର: 36)**

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

**(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍ଲୁଲ୍ ଇଫ୍କତା ଫି ସବିଲିଲ୍ଲାଃହି )**

**ତାଲିବେ ଦୁଆ:** Shenaz Begum, W/o- Sheikh Ghulam Ahmed & Family, Jamat Ahmadiya Bhadrak (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan